بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5 | ସଂଖ୍ୟା 19

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

07 ମଇ 2020 | 07 ହିଜ୍‌ରତ୍ 1399 ହି.ଶ | 13 ରମଜାନ୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

رَبَّنَا وَاٰتِنَا مَا وَعَدۡتَّنَا عَلٰی رُسُلِکَ وَلَا تُخۡزِنَا یَوۡمَ الۡقِیٰمَۃِ ؕ اِنَّکَ لَا تُخۡلِفُ الۡمِیۡعَادَ ۝

(آل عمران:195)

ଅନୁବାଦ- ହେ ଆମମାନଙ୍କର ପାଳନକର୍ତା ! ତୁମ୍ଭେ ତୁମ୍ଭର ରସୁଲମାନଙ୍କ ମାଧ୍ୟମରେ ଆମମାନଙ୍କ ବିଷୟରେ ଯାହା ଅଙ୍ଗୀକାର କରିଅଛ ତାହା ଆମମାନଙ୍କୁ ପ୍ରଦାନ କର; ଏବଂ କୟାମତ ଦିନ ଆମମାନଙ୍କୁ ଅପମାନିତ କର ନାହିଁ; ବାସ୍ତବିକ ତୁମ୍ଭେ କଦାପି ନିଜର ଅଙ୍ଗୀକାର ଭଙ୍ଗକର ନାହିଁ ।

*(ଆଲେ ଇମରାନ୍: ୧୯୪)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ହାକିମଙ୍କ ପାଇଁ ଧର୍ମର ଗୋଟିଏ ପାର୍ଶ୍ୱ ଏହା କି ସେ ମୋକଦମାଗୁଡ଼ିକ ଉପରେ ଭଲରେ ଚିନ୍ତା କରନ୍ତୁ ଯଦ୍ୱାରା କାହାର ଅଧିକାର କ୍ଷୁର୍ଣ୍ଣ ନ ହେଉ ।**

**ଧର୍ମ ପରାୟଣ ବ୍ୟକ୍ତି ଖୁଦାଙ୍କ ଆଡ଼କୁ ଯାଇଥାଏ ଓ ଦୁନିଆ ତା ପଛେ ପଛେ ଆପେ ଆପେ ଆସିଥାଏ । ଯେବେ କି ସାଂସାରିକ ବ୍ୟକ୍ତି ଏ ସଂସାର ଖାତିର୍ ଦୁଃଖ ଓ କଷ୍ଟ ଉଠାଇଥାଏ, ଏହା ସତ୍ୱେ ମଧ୍ୟ ଏ ଦୁନିଆରୁ ତାକୁ ଆରାମ୍ ମିଳେନାହିଁ । ଦେଖ ସାହାବାମାନେ ଏ ସଂସାରକୁ ପରିତ୍ୟାଗ କଲେ । ଏହା ସତ୍ୱେ ମଧ୍ୟ ସେମାନେ ଏ ଦୁନିଆରେ ମଧ୍ୟ ବଡ଼ ବଡ଼ ଧନୀଶାଳୀ ଲୋକ ହେଲେ ଓ ପରକାଳର ଫଳ ମଧ୍ୟ ଚାଖିଲେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଅଦାଲତ କଥା ଚାଲିଥିଲା । ଅଦାଲତର ସାକ୍ଷିମାନେ ୱକିଲ୍ ଓ ହାକିମଙ୍କ ରୋବ୍ (ଅର୍ଥାତ ଭୟ ବା ପ୍ରତାପ)ରେ କିପରି ପ୍ରଭାବିତ ହୋଇଯାନ୍ତି, ସେହି କଥା ଏଠାରେ ଚର୍ଚ୍ଚା ଚାଲିଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେଁ ଅଦାଲତଗୁଡ଼ିକର ଅଧିକାଂଶ ସାକ୍ଷିମାନଙ୍କ ଉପରେ ହାକିମ ଓ ୱକିଲ୍ ମାନଙ୍କର ଏଭଳି ରୋବ୍ ପଡ଼ିଥାଏ ଯେ ସେମାନେ ଲୋକମାନଙ୍କ ଅଧିକାରକୁ ସୁରକ୍ଷା କରିପାରନ୍ତି ନାହିଁ ଏବଂ କିଛି ନା କିଛି ନିରର୍ଥକ ଓ ଭୁଲ୍ କଥା ମୁହଁରୁ ବାହାର କରିଦେଇଥାନ୍ତି, ସେଥିରୁ ଜୁଲମ୍ ସୃଷ୍ଟି ହୋଇଥାଏ । ଅଦାଲତ୍‌ର ରୋବ୍ ମଧ୍ୟ ଏକ ସିର୍କ ଅଟେ । **ଇନ୍ନଶ୍ ଶିର୍‌କା ଲଜୁଲ୍‌ମୁନ୍ ଅଜିମ୍** କହିଲେ: "କେତେକ ଅଗ୍ରେଂଜ୍ ମୋକଦ୍ଦମାର ନିଷ୍ପତି ନିମନ୍ତେ ବହୁତ ଛାନ୍ ବିନ୍ କରିଥାନ୍ତି ଏବଂ ବହୁତ ଚିନ୍ତାକରି ବୁଝି ସୁଝିକି ନିଷ୍ପତି କରିଥାନ୍ତି । ସଂଯୋଗ ବସତଃ ମୁଁ ମିର୍ଜା ସାହେବ୍ (ବାପା)ଙ୍କ ସମୟରେ ଜମିଦାରମାନଙ୍କ ସହିତ ଗୋଟିଏ ମୋକଦ୍ଦମା ବେଳେ ଅମୃତସରଠାରେ କମିଶନରଙ୍କ ଅଦାଲତରେ ଉପସ୍ଥିତ ଥିଲି । ନିଷ୍ପତି ଆସିବାର ଗୋଟିଏ ଦିନ ପୂର୍ବରୁ କମିଶନର ଜମିଦାରମାନଙ୍କ ସପକ୍ଷରେ ଅତ୍ୟନ୍ତ ନମ୍ର ମନୋଭାବ ପୋଷଣ କରି ଓ ସେମାନଙ୍କର ଦୁଷ୍ଟାମିକୁ ଅଣଦେଖା କରି ଅଦାଲତ୍‌ରେ ଏହା କହୁଥିଲେ ଯେ ଏମାନେ ଗରୀବ ଲୋକ ଅଟନ୍ତି ଓ ତୁମେମାନେ ଏମାନଙ୍କ ଉପରେ ଜୁଲମ୍ କରୁଛ । ସେହି ରାତିରେ ମୁଁ ସ୍ୱପ୍ନରେ ଦେଖିଲି ଯେ ସେହି ଅଂଗ୍ରେଜ୍ ଗୋଟିଏ ଛୋଟ ପିଲା ରୂପରେ ମୋ ନିକଟରେ ଛିଡ଼ା ହୋଇଛି ଏବଂ ମୁଁ ତା ମୁଣ୍ଡକୁ ହାତରେ ଆଉଁସି ଦେଉଛି । ସକାଳେ ଯେତେବେଳେ ଆମେ ଅଦାଲତକୁ ଗଲୁ ( ଦେଖିଲୁ ଯେ) ତା'ର (ଅର୍ଥାତ ସେହି ଇଂରେଜ ହାକିମଙ୍କର) ଅବସ୍ଥା ଏପରି ପରିବର୍ତନ ହୋଇଯାଇଥିଲା କି ସେ ପୂର୍ବଭଳି ଇଂରେଜ ନଥିଲା । ସେ ଜମିଦାରମାନଙ୍କୁ ବହତୁ ଧିକାରିଲା ଓ ଆମ ସପକ୍ଷରେ ମୋକଦ୍ଦମାର ଫଇସଲା କଲା ଓ ଆମର ସମସ୍ତ ଖର୍ଚ୍ଚ ମଧ୍ୟ ତାଙ୍କଠାରୁ ଆଦାୟ କଲା ।

କହିଲେ: ଦେଖ ଯେପର୍ଯ୍ୟନ୍ତ ମଣିଷ ସ୍ଥିରଚିତ ଓ ଥଣ୍ଡା ମିଜାଜ ନ ରଖିଛି ସେପର୍ଯ୍ୟନ୍ତ ଏହି ପାର୍ଥିବ ହାକିମମାନଙ୍କ ସମ୍ମୁଖରେ ଛିଡ଼ା ହେବା କଷ୍ଟକର ହୋଇଥାଏ । ତେବେ ସେତେବେଳେ କଣ ଅବସ୍ଥା ହେବ ଯେତେବେଳେ **ଅହ୍‌କମୁଲ୍ ହାକିମିନ୍**ଙ୍କ ସମ୍ମୁଖରେ ଛିଡ଼ା କରି ଦିଆଯିବ ।

କହିଲେ: ତୌରାତ୍‌ର ଦୃଷ୍ଟିକୋଣରୁ...... ଯାହାକୁ କୃଶରେ ଚଢ଼ାଇ ମାରି ଦିଆଯାଏ, ସେ ମଧ୍ୟ ମଲ୍‌ଉନ୍ (ଅର୍ଥାତ ଅଭିଷପ୍ତ) ହୋଇଥାଏ । ଆଶ୍ଚର୍ଯ୍ୟ ଲାଗୁଛି ଯେ ଇସାଇମାନେ ନିଜର ନଜାତ୍ (ମୋକ୍ଷ) ପାଇଁ କଫାରାଃର ମନଗଢ଼ା ପ୍ରଥାକୁ ପ୍ରଚଳନ କରିବାପାଇଁ ଏକଥାକୁ ସ୍ୱୀକାର କରିନେଲେ ଯେ ୟସୁ (ମସିହ୍) କୃଶ ଉପରେ ଚଢ଼ି ଅଭିଷପ୍ତ ହୋଇଗଲା । ଯଦି ଗୋଟିଏ ଅଭିଷପ୍ତକୁ ସେମାନେ ଇସୁ (ମସିହ)ଙ୍କ ପାଇଁ ଧାର୍ଯ୍ୟ କରିନେଲେ ତେବେ ପୁଣି ଅନ୍ୟ ଅଭିଷପ୍ତକୁ ମଧ୍ୟ କାହିଁକି ଧାର୍ଯ୍ୟ କରୁନାହାନ୍ତି ଯଦ୍ୱାରା କଫାରାଃ ଅଧିକ ଦୃଢ଼ ହୋଇଯାଆନ୍ତା । ଯେତେବେଳେ ଲାନତ୍ (ଅର୍ଥାତ ଅଭିଷପ୍ତ)ର ଶବ୍ଦ ଆସିଗଲା, ତେବେ ସେଠାରେ ଏକ କଣ ବା ଦୁଇ କଣ । କିନ୍ତୁ ପବିତ୍ର କୁର୍‌ଆନ୍ ଏହି ଦୁଇଟିଯାକ ଲାନତ୍‌କୁ ରଦ୍ଦ କରିଛି ଓ ଦୁଇଟିଯାକର ଉତର ଦେଇଛି ଯେ ତାଙ୍କ ଜନ୍ମ ମଧ୍ୟ ପବିତ୍ର ଥିଲା ଓ ତାଙ୍କର ମୃତ୍ୟୁ ସାଧାରଣ ଲୋକଙ୍କ ମୃତ୍ୟୁ ପରି ଥିଲା, କୃଶ ଉପରେ ହୋଇନଥିଲା ।

କହିଲେ: ମୁତ୍‌ତକି (ଧର୍ମପରାଣୟ ବ୍ୟକ୍ତି) ଖୁଦାଙ୍କ ଆଡ଼କୁ ଯାଇଥାଏ ଏବଂ ଦୁନିଆ ତା ପଛେ ପଛେ ଆପଣା ଛାଏଁ ଆସିଥାଏ । କିନ୍ତୁ ସାଂସାରିକ ବ୍ୟକ୍ତି ଏ ସଂସାର ଖାତିର୍ ଦୁଃଖ ଓ କଷ୍ଟ ଉଠାଇଥାଏ, ପୁଣି ମଧ୍ୟ ତାକୁ ଦୁନିଆଁରୁ ଆରାମ୍ ମିଳି ନଥାଏ । ଦେଖ ସାହାବାମାନେ ଦୁନିଆକୁ ଛାଡ଼ିଦେଲେ ଏହା ସତ୍ୱେ ମଧ୍ୟ ଦୁନିଆରେ ସେମାନେ ବଡ଼ ବଡ଼ ଧର୍ନାଢ଼୍ୟ ହୋଇଛନ୍ତି ଓ (ତତ୍‌ସହିତ) ପରକାଳରେ ମଧ୍ୟ ଫଳ ଖାଇଲେ ।

### ସତ୍ୟବାଦି ଓ ମିଥ୍ୟାବାଦିର ପରିଚୟ

ପ୍ରଶ୍ନ କରାଗଲା ଯେ କେତେକ ବିରୋଧି ମଧ୍ୟ ଇଲ୍‌ହାମାତ୍ (ଐଶିବାଣୀ) ହେବାର ଦାବି କରୁଛନ୍ତି, ତେବେ ସତ୍ୟବାଦୀ ଓ ମିଥ୍ୟାବାଦୀର ପରିଚୟ କଣ ?

କହିଲେ: ଏହା ବହୁତ ସହଜ । ସେମାନେ ଆମ ସମ୍ମୁଖରେ ଆସି ଏ ଦାବି ଉପସ୍ଥାପନ କରନ୍ତୁ ଯେ ଯଦି ଆମେ ସତ୍ୟବାଦୀ ତେବେ ଆମ ବିରୋଧି ଆମ ପୂର୍ବରୁ ମୃତ୍ୟୁ ବରଣ କରିବ । ସୁତରାଂ ଅଲ୍ଲାଃଙ୍କ ତରଫରୁ ଆମକୁ ଦୃଢ଼ ବିଶ୍ୱାସ ଦିଆଯାଇଅଛି ଯେ ଯଦି ଜଣେ ଦଶ ବର୍ଷର ପିଲା ଯାହାପାଇଁ ଜୀବନ ଜିଇଁବାର ସବୁ ସାଧନ ମହୟୁଦ୍ ଥିବ ଓ ତା ବୟସର ଅଧିକାଂଶ ବର୍ଷ ବାକି ଥିବ, ସେ ଏହି ଦାବି କରି ଆମ ବିରୋଧରେ ଛିଡ଼ା ହୋଇଯାଏ ତେବେ ଅଲ୍ଲାଃ ତାଲା ତାକୁ ଆମ ପୂର୍ବରୁ ମୃତ୍ୟୁ ଦେବ ।

### ଶିହା ସଂପ୍ରଦାୟ ବିଶ୍ୱାସ

କହିଲେ: ଶିହା ଧର୍ମ ଇସ୍‌ଲାମ୍‌ର ଭିଷଣ ବିରୋଧି । ପ୍ରଥମ:- ଶିହାଙ୍କର ଏ ବିଶ୍ୱାସ ଯେ ଜିବ୍ରାଇଲ୍ ୱହି (ଅର୍ଥାତ ଐଶିବାଣୀ) ଆଣିବାରେ ଭୁଲ୍ କରିବସିଛି । ଦ୍ୱିତୀୟ:- ରସୁଲୁଲ୍ଲାଃ ସ:ଆ:ସଙ୍କ ଆକୁଳ ପ୍ରାର୍ଥନା ପରେ ଯେଉଁ ସାହାବାମାନେ ତାଙ୍କୁ ମିଳିଥିଲେ, ସେମାନେ ତାଙ୍କ ନିକଟରେ (ଅର୍ଥାତ ଶିହାଙ୍କ ନିକଟରେ) ମୁସଲ୍‌ମାନ ନଥିଲେ । ତୃତୀୟ:- ଅଲ୍ଲାଃଙ୍କ ପବିତ୍ର ପୁସ୍ତକ କୁର୍‌ଆନ୍ ଶରିଫ୍ । ଯାହାଙ୍କୁ ସୁରକ୍ଷିତ ରଖିବାପାଇଁ ସ୍ୱୟଂ ଅଲ୍ଲାଃ ତାଲା ପ୍ରତିଶୃତି ଦେଇସାରିଛନ୍ତି, ଶିହାମାନଙ୍କ ବିଶ୍ୱାସ ମୁତାବକ ସେହି ପବିତ୍ର କୁର୍‌ଆନ୍ ଅସଲି ନୁହେଁ । ଇମାମ୍ ମେହେଦୀ ଅସଲ କୁର୍‌ଆନ୍‌କୁ ନେଇ ଗୁଫାରେ ଲୁଚିଛନ୍ତି । ଚତୁର୍ଥ:- ବାରଜଣ ଇମାମ୍‌ଙ୍କ ପର୍ଯ୍ୟନ୍ତ ୱିଲାୟତ୍ (ଅଲ୍ଲାଃଙ୍କ ନିକଟତର ବ୍ୟକ୍ତି) ଶେଷ ହୋଇସାରିଛି, ବାକି କୟାମତ୍ ପର୍ଯ୍ୟନ୍ତ ଲୋକମାନେ ପଶୁଙ୍କ ଭଳି ରହନ୍ତୁ ଏବଂ ଖୁଦାତାଲାଙ୍କ ସେମାନଙ୍କ ସହିତ ପ୍ରେମ ନାହିଁ । ପଂଚମ:- ଖୁଦାତାଲାଙ୍କ ପ୍ରୀୟତମ ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବାମାନଙ୍କୁ ଗାଳିଗୁଲଜ୍ କରିବା ଦୁରଦ୍ ଶରିଫ୍ ପଢ଼ିବାଠାରୁ ମଧ୍ୟ ଅଧିକା ପୂଣ୍ୟ ଭାବୁଛନ୍ତି । ଷଷ୍ଠ:- କୌଣସି ଅକାବିର୍ (ଅର୍ଥାତ ମହାନୁଭବ ବ୍ୟକ୍ତି) ଏବଂ ଇଶ୍ୱରପ୍ରେମୀ ଭକ୍ତଙ୍କୁ ପୂଣ୍ୟବାନ ବୋଲି ଭାବନ୍ତି ନାହିଁ । ମୁଁ ମୋ ଶିକ୍ଷକଙ୍କଠାରୁ ହଜ୍‌ରତ୍ ସୟଦ୍ ଅବ୍‌ଦୁଲ୍ କାଦିର୍ ଜିଲାନିଙ୍କ ସମ୍ୱନ୍ଧରେ ଶୁଣିଛି ଯେ ସେ ଗାଳି ଦେଉଥିଲେ । ଅସଲ କଥା ହେଉଛି ଏହା କି ସବୁଠାରୁ ଅଧିକ ବଦ୍‌ନାମ ୟଜିଦ୍ । ଯଦି ତା ସହଯୋଗରେ ଇମାମ୍ ହୁସୈନ୍ ର:ଅଙ୍କର ଶାହାଦତ୍ ହେଲା ତେବେ ଖରାପ କଣ, କିନ୍ତୁ ଆଜିକାଲିର ଶିହାମାନେ ମଧ୍ୟ ମିଶି ସେଭଳି ଧର୍ମକର୍ମ କରିପାରିବେ ନାହିଁ ଯାହା ସେ କରିଛି ।

### ଅହ୍‌ଲେ କିତାବଙ୍କର ଖାଦ୍ୟ

ଅହ୍‌ଲେ କିତାବ୍‌ଙ୍କଠାରୁ ଖାଦ୍ୟ ଖାଇବା ସମ୍ୱନ୍ଧରେ ବାବୁ ମୁହମ୍ମଦ୍ ଅଫ୍‌ଜଲ୍‌ଙ୍କ ଏକ ପ୍ରଶ୍ନର ଉତରରେ ହଜ୍‌ରତ୍ ମସିହ୍ ମଉଦ୍ କହିଲେ ଯେ 'ସଂସ୍କୃତି ଦୃଷ୍ଟିରୁ ହିନ୍ଦୁମାନଙ୍କ ଜିନିଷ ମଧ୍ୟ ଖାଇ ନେଉଛନ୍ତି । ସେହିପରି ଇସାଇମାନଙ୍କ ଖାଦ୍ୟ ମଧ୍ୟ ଠିକ୍ ଅଛି କିନ୍ତୁ ସର୍ବୋପରି ଏହା ଧ୍ୟାନ ରଖିବା ଜରୁରୀ ଅଟେ କି ପାତ୍ର ସଫା ଥିବ, କୌଣସି ଅପବିତ୍ର ଜିନିଷ ନଥିବ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୩୧ ପ୍ରକାଶନ୨୦୧୮ କାଦିୟାନ)*

# ପବିତ୍ର ରମ୍‌ଜାନ୍ ମାସ ସହିତ ତହ୍‌ରିକ୍-ଏ-ଜଦିଦ୍ ର ଗଭୀର ସାମଞ୍ଜସ୍ୟତା

ତହ୍‌ରିକ୍-ଏ-ଜଦିଦ୍‌ର ସଂସ୍ଥାପକ ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅ ପବିତ୍ର ରମ୍‌ଜାନ୍ ମାସ ସହିତ ତହ୍‌ରିକ୍-ଏ-ଜଦିଦ୍‌ର ଗଭୀର ସାମଞ୍ଜସ୍ୟତା ଉପରେ ଆଲୋକପାତ କରି କହୁଛନ୍ତି:

....... "ଯଦି ତୁମେମାନେ ରମ୍‌ଜାନ୍‌ରୁ ଲାଭ ଉଠାଇବାକୁ ଚାହୁଁଅଛ ତେବେ ତହ୍‌ରିକ୍-ଏ-ଜଦିଦ୍ ଉପରେ ପରିଚାଳିତ ହୁଅ ଏବଂ ଯଦି ତହ୍‌ରିକ୍-ଏ-ଜଦିଦ୍‌କୁ ଲାଭ ପହଂଚାଇବାକୁ ଚାହୁଁଅଛ ତେବେ ରୋଜାରୁ ସଠିକ୍ ଲାଭ ଉଠାଅ । ତହ୍‌ରିକ୍-ଏ-ଜଦିଦ୍ ହେଉଛି ଏହା କି ସରଳ ଜୀବନଯାପନ କର ଏବଂ ପରିଶ୍ରମ, କଷ୍ଟ ଏବଂ ତ୍ୟାଗ କରିବାପାଇଁ ନିଜକୁ ଅଭ୍ୟସ୍ତ କରାଅ । ରମ୍‌ଜାନ ତୁମମାନଙ୍କୁ ଏହି ଶିକ୍ଷା ଶିଖାଇବା ପାଇଁ ଆସିଥାଏ । ଅତଏବ୍ ଯେଉଁ ଉଦ୍ଦେଶ୍ୟ ନେଇ ରମ୍‌ଜାନ ଆସିଅଛି ସେହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଚେଷ୍ଟା ଅବ୍ୟାହତ ରଖ....... ପ୍ରତ୍ୟେକଙ୍କୁ ଏହା ଚେଷ୍ଟା କରିବା ଦରକାର ଯେ ତା'ର ରମଜାନ ତହ୍‌ରିକ୍-ଏ-ଜଦିଦ୍ ସ୍ୱରୁପ ଓ ତହ୍‌ରିକ୍-ଏ-ଜଦିଦ୍ ରମ୍‌ଜାନ୍ ସ୍ୱରୁପ ହେଉ । ରମ୍‌ଜାନ ଆମ ମନକୁ ନିୟନ୍ତ୍ରଣ କରୁ ଓ ତହ୍‌ରିକ୍-ଏ-ଜଦିଦ୍ ଆମ ଆତ୍ମାକୁ ସତେଜତା ପ୍ରଦାନକାରୀ ହେଉ । ସୁତରାଂ ମୁଁ ଯେତେବେଳେ ଏହା କହିଲି ଯେ ରମ୍‌ଜାନ୍‌ରୁ ଲାଭ ଉଠାଅ ସେତେବେଳେ ମୁଁ ଏହାର ପ୍ରକୃତ ଅର୍ଥ ବୁଝାଇ ଦେଲି ଯେ ତୁମେମାନେ ତହ୍‌ରିକ୍-ଏ-ଜଦିଦ୍‌ର ଉଦ୍ଦେଶ୍ୟଗୁଡ଼ିକୁ ରମ୍‌ଜାନ୍‌ର ଆଲୋକରେ ବୁଝ ଏବଂ ଯେତେବେଳେ ମୁଁ ଏହା କହିଲି କି ତହ୍‌ରିକ୍-ଏ-ଜଦିଦ୍ ପ୍ରତି ଧ୍ୟାନ ଦିଅ, ସେତେବେଳେ ଅନ୍ୟ ଶବ୍ଦରେ ମୁଁ ତୁମମାନଙ୍କୁ ଏହା କହିଲି ଯେ ପ୍ରତ୍ୟେକ ଅବସ୍ଥାରେ ତୁମେମାନେ ରମ୍‌ଜାନ୍‌ର ସ୍ଥିତିକୁ ନିଜ ଉପରେ ଲାଗୁ କରାଅ । ସଠିକ୍ ବଳିଦାନ ଓ ଅନବରତ ତ୍ୟାଗର ଅଭ୍ୟାସ ନିଜ ମଧ୍ୟରେ ଉତ୍ପନ୍ନ କର । ଯେଉଁ ରମ୍‌ଜାନ୍ ପ୍ରକୃତ ତ୍ୟାଗ ବ୍ୟତିତ ଅତିବାହିତ ହୋଇଯାଏ ତାହା ରମ୍‌ଜାନ୍ ନୁହେଁ ଏବଂ ଯେଉଁ ତହ୍‌ରିକ୍-ଏ-ଜଦିଦ୍ ଆତ୍ମାର ସତେଜତା ବିନା ଚାଲିଯାଏ ତାହା ତହ୍‌ରିକ୍-ଏ-ଜଦିଦ୍ ନୁହେଁ । *(ଖୁତ୍‌ବା ଯୁମା ପ୍ରଦତ ୦୪ ନଭେମ୍ବର ୧୯୩୮ ମସିହା)*

ଏହି ପରିପେକ୍ଷୀରେ ହଜୁର ର:ଅ ୧୧ ନଭେମ୍ବର ୧୯୩୮ ମସିହାରେ ବ୍ୟକ୍ତ ଖୁତ୍‌ବା ଯୁମାର ଶେଷରେ ଯମାତ୍‌କୁ ତହ୍‌ରିକ୍-ଏ-ଜଦିଦ୍ ଚାନ୍ଦାରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କ ପାଇଁ ବିଶେଷ ରୂପେ ଦୁଆ (ପ୍ରାର୍ଥନା) କରିବାକୁ ଆଦେଶ ଦେଇ କହିଲେ:- ରମ୍‌ଜାନ୍‌ର ଯେଉଁ ଶେଷ ଦଶଦିନ ଆସିବାକୁ ଅଛି ତାହାକୁ ତହ୍‌ରିକ୍-ଏ-ଜଦିଦ୍ ପାଇଁ ଅତୀତରେ ଯେଉଁ ତ୍ୟାଗ କରାଯାଇଛି, ସେଥିପାଇଁ କୃତଜ୍ଞ ଓ ଭବିଷ୍ୟତରେ ଶକ୍ତିପ୍ରାପ୍ତ ପୂର୍ବକ ବିନିଯୋଗ କର । ଯେଉଁମାନଙ୍କୁ ବିଗତ ବର୍ଷଗୁଡ଼ିକରେ କୁର୍‌ବାନୀ (ଅର୍ଥାତ ତ୍ୟାଗ) କରିବାପାଇଁ ସୁଯୋଗ ମିଳିଛି ସେମାନେ ସେଥିଯୋଗୁଁ ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କରନ୍ତୁ ଏବଂ ଦୁଆ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଅଲ୍ଲାଃଙ୍କ ନିକଟରେ ତ୍ୟାଗ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଦୁଆ କରୁ ଯେ ସେ ଦୀନ୍‌ର ବୈଭବ ପାଇଁ ଓ ସଂପ୍ରଦାୟର ସୁଦୃଢ଼ତା ନିମନ୍ତେ ଯେଉଁ ବଳିଦାନ ଦେଉଛି, ତାହା ଯୋଗୁଁ ଅଲ୍ଲାଃ ତାଲା ତା'ଉପରେ ନିଜର କୃପା କରନ୍ତୁ ଓ ନିଜର କରୁଣା ପ୍ରଦାନ କରନ୍ତୁ, ସେହି ପ୍ରେମ ଓ ଶ୍ରଦ୍ଧାନୁସାରେ ଯାହା ସହ ସେ ଈଶ୍ୱରଙ୍କ ମାର୍ଗରେ ତ୍ୟାଗ କରୁଥିଲା । ଆମିନ୍"

*(ଅଲ୍‌ଫଜଲ୍ ୧୫ ନଭେମ୍ବର ୧୯୩୮ ମସିହା ପୃ-୪)*

ଦୈନିକ ଖବରକାଗଜ ଅଲ୍‌ଫଜଲ୍ କାଦିୟାନ୍ ୨୯ ନଭେମ୍ବର ୧୯୩୮ ରେ ପ୍ରକାଶିତ ଘୋଷଣା ମୁତାବକ ଯମାତ୍‌ର ଶ୍ରଦ୍ଧାଳୁମାନଙ୍କର ପ୍ରାରମ୍ଭରୁ ହିଁ ଏ ଅଭ୍ୟାସ ଓ କର୍ମ ରହିଅଛି ଯେ ସେମାନେ ରମ୍‌ଜାନ୍ ମାସର ମଧ୍ୟ ଭାଗରେ ନିଜ ନିଜର ତହ୍‌ରିକ୍-ଏ-ଜଦିଦ୍ ନିମନ୍ତେ କରିଥିବା ୱାଦା (ପ୍ରତିଶୃତି) ମୁତାବକ ଶତପ୍ରତିଶତ ଚାନ୍ଦା ପଇଠ କରି ଅଲ୍ଲାଃ ତାଲାଙ୍କ କୃପା ଓ ଆଶିର୍ବାଦକୁ ପ୍ରାପ୍ତ କରିବାପାଇଁ ଚେଷ୍ଟା କରିଥାନ୍ତି । ଅତଏବ୍ ବର୍ତମାନ ଆମେ ଯେଉଁଭଳି ଅଲ୍ଲାଃ ତାଲାଙ୍କ ପ୍ରଦତ ସାମର୍ଥ୍ୟରୁ ପୁଣି ଏକବାର ଅସୁମାରୀ ଆକାଶୀୟ କରୁଣାମାନ ଓ ବୈଭବପୁର୍ଣ୍ଣ ପବିତ୍ର ମାସରେ ପଦାର୍ପଣ କରିବାକୁ ଯାଉଅଛେ, ତହ୍‌ରିକ୍-ଏ-ଜଦିଦ୍‌ର ସହଯୋଗୀମାନଙ୍କ ନିକଟରେ ଦରଖାସ୍ତ/ ଅନୁରୋଧ କରାଯାଉଅଛି ଯେ ସେମାନେ ନିଜର ଶାନ୍‌ଦାର (ମର୍ଯ୍ୟାଦାପୁର୍ଣ୍ଣ) ଯମାତୀୟ ପରମ୍ପରାକୁ ବଜାୟ ରଖି ୨୦ ରମ୍‌ଜାନୁଲ୍ ମୁବାରକ୍ ଅର୍ଥାତ ମଇ ମାସ ୧୪ ତାରିଖ ଭିତରେ ନିଜ ଚାନ୍ଦାକୁ ସମ୍ପୁର୍ଣ୍ଣରୂପେ ପଇଠ କରି ହଜୁର ଅନୱର ଅ:ବ:ଅଙ୍କ ଗ୍ରହଣୀୟ ଦୁଆରୁ ପ୍ରଯ୍ୟାପ୍ତ ରୂପେ ଭାଗୀଦାରୀ ହେବାର ସୌଭାଗ୍ୟ ପ୍ରାପ୍ତ କରନ୍ତୁ । ଅଲ୍ଲାଃ ତାଲା ଏଥିଯୋଗୁଁ ଆମ ସମସ୍ତଙ୍କୁ ଅଧିକରୁ ଅଧିକ ସୁଯୋଗ ପ୍ରଦାନ କରନ୍ତୁ । ଆମୀନ୍ ।

ସମସ୍ତ ଜିଲ୍ଲାଃ ଓ ଆଂଚଳିକ ଅମୀର୍‌ଗଣ ଓ ସଦରଗଣ, ତହ୍‌ରିକ୍-ଏ-ଜଦିଦ୍‌ର ସେକ୍ରେଟାରୀମାନେ ଏବଂ ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବମାନଙ୍କୁ ଅନୁରୋଧ ଯେ ଦୟାପୂର୍ବକ ନିଜ ନିଜ ଯମାତ୍‌ର ଶତପ୍ରତିଶତ ଚାନ୍ଦା ପଇଠକାରୀଙ୍କ ତାଲିକା ମଇ ମାସ ୧୪ ତାରିଖ ପୂର୍ବରୁ ଡ଼ାକ ଦ୍ୱାରା ଓ ମଇ ମାସ ୨୦ ତାରିଖ ପୂର୍ବରୁ ଇମେଲ୍ ଦ୍ୱାରା ୱକାଲତେ ମାଲ ତହ୍‌ରିକ୍-ଏ-ଜଦିଦ୍ କାଦିଆନଙ୍କ ନିକଟକୁ ପଠାଇ କଷ୍ଟ ସ୍ୱୀକାର କରିବେ । ଫଳତଃ ସମସ୍ତ ଯମାତ୍‌ର ସାମୁହିକ ସୁଚି ୨୯ ରମ୍‌ଜାନ୍‌ର ଇଜ୍‌ତିମାଇ ଦୁଆ ନିମନ୍ତେ ସୟଦନା ହଜୁର ଅନୱର ଅ:ବ:ଅଙ୍କ ଗୋଚରେ ଉପସ୍ଥାପନ କରାଯାଇପାରିବ ।

*ଜଜାକମୁଲ୍ଲାହ୍ ତାଲା ଖୈରା*

*ୱକିଲୁଲ୍ ମାଲ୍ ତହ୍‌ରିକ୍-ଏ-ଜଦିଦ୍ କାଦିୟାନ୍*

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଓ୍ୱହଦ୍ ଯୁଦ୍ଧ ଅବସରରେ....... ଶହ ଶହ ତୀରଚାଳକ ନିଜ ନିଜର ଧନୁ ଉଠାଇ ନିଜ ତୀରର ଲକ୍ଷ୍ୟସ୍ଥଳ ରସୁଲେ କରିମ୍ ସ:ଆ:ସଙ୍କ ଶ୍ରୀମୁଖ ଆଡ଼କୁ କଲେ ଯଦ୍ୱାରା ତୀରବର୍ଷା ହୋଇ ସେହି ଶ୍ରୀମୁଖରୁ କଣା କରିଦେବେ । ସେହି ସମୟରେ ଯିଏ ରସୁଲେ କରିମ୍‌ଙ୍କ ପବିତ୍ର ଚେହେରାକୁ ସୁରକ୍ଷା ଦେବା ନିମନ୍ତେ ନିଜକୁ ସାମନାକୁ ଆଣି ଛିଡ଼ା କରାଇଥିଲା, ସେ ତଲ୍‌ହା ର:ଅ ଥିଲେ ।

ଯମଲ୍ ଯୁଦ୍ଧ ସମୟରେ ହଜ୍‌ରତ୍ ତଲ୍‌ହା ର:ଅ ନିଜ ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ସୈନ୍ୟଦଳର ଜଣେ ସଦସ୍ୟଙ୍କ ହାତରେ ହଜ୍‌ରତ୍ ଅଲୀ ର:ଅଙ୍କର ବୟତ କରିଥିଲେ ।

ଯମଲ୍ ଯୁଦ୍ଧରେ ସାହାବାମାନଙ୍କର କୌଣସି ହସ୍ତକ୍ଷେପ କଦାପି ନଥିଲା । ବରଂ ଏହି ଦୁଷ୍କାମି ମଧ୍ୟ ଉସ୍‌ମାନ୍ ର:ଅଙ୍କ ହତ୍ୟାକାରୀମାନଙ୍କ ତରଫରୁ ଥିଲା ।

କରୋନା ମହାମାରୀ ଯୋଗୁଁ ସୃଷ୍ଟି ହୋଇଥିବା ଉତ୍କଟ ପରିସ୍ଥିତି ଯୋଗୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଏକ ଇକ୍‌ତିବାସ୍ (ଆଲେଖ୍ୟ)ର ଆଲୋକରେ ଘରକୁ ସଫାସୁତୁରା ରଖିବାପାଇଁ ଓ ସରକାରଙ୍କ ତରଫରୁ ଦିଆଯାଇଥିବା ନିର୍ଦ୍ଦେଶାବଳୀଗୁଡ଼ିକୁ ପାଳନ କରିବାପାଇଁ ଉପଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ**
**(ପ୍ରଦତ୍ତ: ୦୩ ଏପ୍ରିଲ୍ ୨୦୨୦ ଅନୁଯାୟୀ ୦୩ ଶାହାଦତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّالِّيْنَ -

ଆଜିକାଲିର ପରିସ୍ଥିତି ଅନୁଯାଇ ନେଇ ପ୍ରଶାସନ ଯେଉଁ ନିୟମ ପ୍ରଣୟନ କରିଅଛି ସେଥିମୁତାବକ ପାରମ୍ପରିକ ରିତିରେ ନିଜ ସମ୍ମୁଖରେ ଲୋକମାନଙ୍କୁ ବସାଇ ଖୁତ୍‌ବା ଦେବା ସମ୍ଭବପର ନୁହେଁ ତେଣୁ ନିୟମ ଅନୁଯାୟୀ ଯେତେ ସଂଖ୍ୟାରେ ଲୋକ ଏକାଠି ହେବାର ଅନୁମତି ରହିଛି ତଦନୁଯାୟୀ ଆଜି ଜୁମା ନମାଜର ବ୍ୟବସ୍ଥା କରାଯାଇଛି ଏବଂ ମସ୍‌ଜିଦ୍ ରୁ ମୋର ଖୁତ୍‌ବା ପ୍ରସାରିତ ହେବା ବିଧେୟ କାରଣ ସମଗ୍ର ବିଶ୍ୱରେ ବର୍ତମାନ ଲକ୍ଷାଧିକ ଲୋକେ ଖୁତ୍‌ବା ଶୁଣିବା ଅପେକ୍ଷାରେ ରହିଛନ୍ତି ଯଦିଚ ମୋ ସମ୍ମୁଖରେ କେହି ବସିଥାନ୍ତୁ ଅବା ନ ବସିଥାନ୍ତୁ ଏହି ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଆମକୁ ସର୍ବଦା ତତ୍‌ପର ରହିବା ଉଚିତ ତଥା ଦୁଆ ମଧ୍ୟ କରିବା ଉଚିତ । ଅଲ୍ଲାଃ ତାଲା ଏହି ଉତ୍କଟ ପରିସ୍ଥିତି ତଥା ଏହି ସଂକ୍ରମଣକୁ ଦୁର କରନ୍ତୁ ଏବଂ ପୂର୍ନବାର ଆମ ମସ୍‌ଜିଦ୍‌ର ସୌନ୍ଦର୍ଯ୍ୟ ମଧ୍ୟ ଶିଘ୍ର ଫେରି ଆସୁ ।

ବର୍ତମାନ ମୁଁ ଖୁତ୍‌ବାର ବିଷୟବସ୍ତୁ ଆଡ଼କୁ ଫେରୁଅଛି । ହଜ୍‌ରତ୍ ତଲ୍‌ହା ବିନ୍ ଅବିଦୁଲ୍ଲାଃଙ୍କର ଚର୍ଚ୍ଚା ଦୁଇଟି ଯୁମା ପୂର୍ବରୁ ମୁଁ କରୁଥିଲି ତାଙ୍କର ଶାହାଦତ୍ ଜମଲ୍ ଯୁଦ୍ଧରେ ହୋଇଥିଲା ସେଥି ସମ୍ବନ୍ଧରେ ମୁଁ କହିଥିଲି ଯେ ଆସନ୍ତାରେ ମୁଁ ବିସ୍ତାରଭାବେ ଆଲୋଚନା କରିବି ତେଣୁ ଆଜି ଜମଲ୍ ଯୁଦ୍ଧର ପରିପ୍ରେକ୍ଷୀରେ ଉଠୁଥିବା ବିଭିନ୍ନ ପ୍ରଶ୍ନର ଏକ ସୀମା ପର୍ଯ୍ୟନ୍ତ ଉତର ମିଳିଯାଏ ।

ହଜ୍‌ରତ୍ ଉମର୍ ର:ଅ ନିଜ ଦେହାନ୍ତ ପୂର୍ବରୁ ଖିଲାଫତ୍ ବାବଦରେ ଏକ କମିଟି ଗଠନ କରିଥିଲେ ଏହି ପରିପ୍ରେକ୍ଷୀରେ ସହି ବୁଖାରୀରେ ଏହି ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି କି ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଦେହାନ୍ତ ନିକଟତର ଥିଲା ସେତେବେଳେ ଲୋକେ ଆପଣଙ୍କୁ କହିଲେ କି ହେ ଅମୀରୁଲ୍ ମୁମିନିନ୍ ଆପଣ ଏବେଠାରୁ ଆସନ୍ତା ଖଲିଫା ସଂକ୍ରାନ୍ତରେ ଓ୍ୱସିୟତ କରିଦିଅନ୍ତୁ ଓ କାହାକୁ ଖଲିଫା ନିୟୋଜିତ କରିଦିଅନ୍ତୁ । ଅତଏବ ସେ କହିଲେ ମୁଁ ଉକ୍ତ ଆସନ ନିମନ୍ତେ କିଛି ଲୋକଙ୍କ ବ୍ୟତିତ ଅନ୍ୟ କାହାରିକୁ ଉପଯୁକ୍ତ ମଣୁନାହିଁ କି ହଜ୍‌ରତ୍ ମହମ୍ମଦ୍ ସ:ଆ:ସଙ୍କର ଦେହାନ୍ତ ଏପରି ଅବସ୍ଥାରେ ଘଟିଲା ଯେ ଆପଣ ସ:ଆ:ସ ଏମାନଙ୍କ ଉପରେ ରାଜି ଥିଲେ ଅର୍ଥାତ ହଜ୍‌ରତ୍ ଉମର୍ ର:ଅ, ହଜ୍‌ରତ୍ ଅଲୀ, ହଜ୍‌ରତ୍ ଉସ୍‌ମାନ୍, ହଜ୍‌ରତ୍ ଜୁବୈର୍, ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ସାଆଦ୍ ଓ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫଙ୍କ ନାମ ନେଲେ, ତା'ପରେ କହିଲେ ଏବଂ ଅବଦୁଲ୍ଲାଃ ବିନ୍ ଉମର୍ ତୁମ ସହ ସାମିଲ ରହିବେ କିନ୍ତୁ ଏହି ଖିଲାଫତ୍‌ରେ ତାଙ୍କର କୌଣସି ଅଧିକାର ରହିବ ନାହିଁ । ଅର୍ଥାତ ଏକଥା ଅବଦୁଲ୍ଲାଃଙ୍କୁ ସାନ୍ତ୍ୱନା ଦେବାପାଇଁ ଆପଣ ସ:ଆ:ସ କହିଥିଲେ । ଯଦି ସାଆଦ୍‌ଙ୍କୁ ଖିଲାଫତ୍ ମିଳିଯାଏ ତେବେ ଠିକ୍ ନଚେତ ତୁମମାନଙ୍କ ମଧ୍ୟରୁ ଅନ୍ୟ ଯେ କେହି ଅମୀର୍ ନିର୍ବାଚିତ ହୁଅନ୍ତି ସେ ସାଆଦଙ୍କଠାରୁ ସାହାଯ୍ୟ ନେବେ କାରଣ ମୁଁ ତାଙ୍କୁ ଏଥିପାଇଁ ନିଲମ୍ବିତ କରିନାହିଁ କି ସେ କୌଣସି କାର୍ଯ୍ୟ ସମ୍ପାଦନ କରିବାପାଇଁ ଯୋଗ୍ୟ ନୁହନ୍ତି ନା ସେ ଜଣେ ବିଶ୍ୱାସଘାତକ ଥିଲେ । ଆପଣ ଆହୁରି କହିଲେ ଯେ, ମୋ ପରବର୍ତୀ ଖଲିଫାଙ୍କୁ ଏହି ଓ୍ୱସିୟତ୍ କରିଯାଉଛି କି ସେ ସର୍ବପ୍ରଥମେ ମୁହାଜିରଙ୍କ କର୍ତବ୍ୟ ସମ୍ପାଦନ କରିବେ ଏବଂ ସେମାନଙ୍କ ସମ୍ମାନ ଓ ଗୌରବ ରକ୍ଷା କରିବେ ତଥା ଅନ୍‌ସାରମାନଙ୍କ ସହ ମଧ୍ୟ ଉତମ ଆଚରଣ ପଦର୍ଶନ କରିବାର ମଧ୍ୟ ଓସିୟତ୍ କରୁଅଛି କାରଣ ସେମାନେ ମୁହାଜିରଙ୍କୁ ନିଜ ଘରେ ଶରଣ ଦେଇଥିଲେ । ଏପରି ଆଚରଣ କାରୀ ସ୍ୱୀକାର ଯୋଗ୍ୟ ଯେ ସମସ୍ତ ସହରବାସୀଙ୍କ ସହ ଉତମ ଆଚରଣ ପଦର୍ଶନ କରିଥାଏ ଏପରି ବ୍ୟକ୍ତି ବାସ୍ତବିକ ମୁସଲମାନ । ଲୋକମାନଙ୍କଠାରୁ ସେତିକି ଟିକସ ଆଦାୟ କର ଯାହାକି ତାଙ୍କ ଆବଶ୍ୟକତା ପୂରଣ ହେବା ପରେ ସେମାନଙ୍କ ନିକଟରେ ବଂଚି ରହିଯାଏ । ମୁଁ ତାଙ୍କୁ ଆରବର ଗାଉଁଲି ଲୋକମାନଙ୍କ ସହ ମଧ୍ୟ ଉତମ ଆଚରଣ କରିବାର ଓସିୟତ କରୁଅଛି କାରଣ ସେମାନେ ମୁଳ ଆରବୀ ତଥା ଇସ୍‌ଲାମ୍‌ର ଜନନୀ ଏବଂ ଯେଉଁ ଟିକସ ଆଦାୟ ହେବ ତାହା ଅଭାବୀମାନଙ୍କ ଆବଶ୍ୟକତା ପୂରଣ କରିବାରେ ବିନିଯୋଗ କରିବ ଏବଂ ମୁଁ ତାହାକୁ ଅଲ୍ଲାଃ ଓ ତାହାର ରସୁଲ୍‌ଙ୍କ ଅଧିନ କରୁଅଛି । ଯେଉଁ ଲୋକମାନଙ୍କଠାରୁ ପ୍ରତିଜ୍ଞା ନିଆଯାଇଛି ସେମାନଙ୍କର ପ୍ରତିଶୃତି ସେମାନଙ୍କ ପାଇଁ ପୂରଣ କରାଯାଉ ଏବଂ ସେମାନଙ୍କୁ ସୁରକ୍ଷା ମଧ୍ୟ ପ୍ରଦାନ କରିବା ତଥା ସେମାନଙ୍କଠାରୁ ସେତିକି ଟିକସ ନେବା ଯୁକ୍ତିଯୁକ୍ତ ଯେତିକି ସେମାନଙ୍କର ସାମର୍ଥ୍ୟ ରହିଛି ।

ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ କାଳ ହେଲା ସେତେବେଳେ ଆମେ ତାଙ୍କ ମରଶରୀରକୁ ନେଇ ଚାଲିଲୁ ହଜ୍‌ରତ୍ ଅବଦୁଲ୍ଲା ବିନ୍ ଉମର୍ ର:ଅ ଯାଇ ହଜ୍‌ରତ୍ ଆଇଶାଙ୍କୁ ସଲାମ୍ କହିଲେ ଏବଂ ନିବେଦନ କଲେ କି ହଜ୍‌ରତ୍ ଉମର୍ ଅନୁମତି ମାଗୁଛନ୍ତି । ଅତଏବ ସେ ଭିତରକୁ ଆସିବାକୁ ଅନୁମତି ପ୍ରଦାନ କଲେ । ସୁତରାଂ ତାଙ୍କୁ ନେଇ ତାଙ୍କ ଦୁଇ ସାଥିଙ୍କ ସହିତ ଅର୍ଥାତ ହଜ୍‌ରତ୍ ଉମର୍ ର:ଅଙ୍କୁ ନେଇ ତାଙ୍କ ଦୁଇ ସାଥି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଓ ହଜ୍‌ରତ୍ ଅବୁବକର ର:ଅଙ୍କ ସହିତ ରଖିଦିଆଗଲା (ଅର୍ଥାତ ସେଠାରେ କବର ଦିଆଗଲା) । ଯେତେବେଳେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମାପ୍ତ ହେଲା ସେହି ଲୋକମାନେ ଏକତ୍ରିତ ହେଲେ ଯାହାଙ୍କ ନାମ ହଜ୍‌ରତ୍ ଉମର୍ ର:ଅ ଦର୍ଶାଇ ଥିଲେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କହିଲେ ନିଜ ନିଜ ମାମଲା ନିଜର ତିନିଜଣ ଲୋକମାନଙ୍କ ଉପରେ ନ୍ୟସ୍ତ କରିଦିଅ । ହଜ୍‌ରତ୍ ଜୁବୈର୍ କହିଲେ ମୁଁ ନିଜ ଅଧିକାର ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫଙ୍କ ଉପରେ ନ୍ୟସ୍ତ କରୁଅଛି । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ, ହଜ୍‌ରତ୍ ଅଲୀ ଓ ହଜ୍‌ରତ ଉସ୍‌ମାନଙ୍କୁ କହିଲେ ଆପଣ ଦୁହିଁଙ୍କ ମଧ୍ୟରୁ ଯେ କେହି ଏହି ମାମଲାରୁ ନିଜକୁ ମୁକ୍ତ କରିନେବ, ଆମେ ତାହା ଉପରେ ଏହି ଗୁରୁଦାୟିତ୍ୱ ପ୍ରଦାନ କରିବୁ ଏବଂ ଅଲ୍ଲାଃ ଓ ଇସ୍‌ଲାମ୍ ତାହାର ରକ୍ଷକ

ହେବେ । ସେହିଁ ତାହାର ଚୟନ କରିବ ଯେ ତାହା ନିକଟରେ ଶ୍ରେୟସ୍କର ଅର୍ଥାତ ପ୍ରଭୁଙ୍କ ଦୃଷ୍ଟିରେ ସର୍ବୋତମ ଅଟନ୍ତି । ଏକଥା ଉଭୟ ସମ୍ମାନୀୟ ବ୍ୟକ୍ତିଙ୍କୁ ନୀରବ କରିଦେଲା ଏବଂ ସେମାନେ କୌଣସି ଉତର ଦେଲେ ନାହିଁ । ତା ପରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ କହିଲେ କଣ ଆପଣ ଏହି ମାମଲାର ନିର୍ଣ୍ଣୟ ମୋ ଉପରେ ନ୍ୟସ୍ତ କରୁଛନ୍ତି ଓ ଅଲ୍ଲାଃ ମୋର ନିରୀକ୍ଷକ ଯିଏ ଆପଣଙ୍କ ମଧ୍ୟରୁ ଶ୍ରେୟସ୍କର ମୁଁ ତାଙ୍କୁ ଚୟନ କରିବାରେ କୌଣସି ପକ୍ଷପାତ କରିବି ନାହିଁ । ସମ୍ପୃକ୍ତ ଦୁଇଜଣ କହିଲେ ଠିକ୍ ଅଛି । ପୁଣି ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କ ହାତ ଧରି ଏକାନ୍ତକୁ ଚାଲିଗଲେ ଓ କହିଲେ ଆପଣଙ୍କର ହଜୁର ସ:ଆ:ସଙ୍କ ସହିତ ସମ୍ପର୍କ ଅଛି ଏବଂ ଇସ୍‌ଲାମ୍‌ରେ ମଧ୍ୟ ଆପଣଙ୍କର ଆସନ ବେଶ୍ ଉଚ୍ଚ ସ୍ଥାନରେ ରହିଛି ଯାହାକି କାହାରିକୁ ଅଛପା ନାହିଁ (ଅର୍ଥାତ ହଜ୍‌ରତ୍ ଅଲୀଙ୍କର) ଏବଂ ତାଙ୍କୁ କହିଲେ ଅଲ୍ଲାଃ ଆପଣଙ୍କ ସାଥିରେ ଅଛନ୍ତି କୁହନ୍ତୁ ଯଦି ମୁଁ ଆପଣଙ୍କୁ ଅମୀର୍ ନିଯୁକ୍ତ କରେ ତେବେ କଣ ଆପଣ ନ୍ୟାୟ ଆଚରଣ ? କରିବେ ଏବଂ ଯଦି ମୁଁ ଉସ୍‌ମାନଙ୍କୁ ଅମୀର ନିଯୁକ୍ତ କରେ ତେବେ କଣ ଆପଣ ତାଙ୍କର ଆଜ୍ଞାକାରୀ ହେବେ ତଥା ତାଙ୍କ ଆଦେଶ ପାଳନ କରିବେ ? ପୁନଶ୍ଚ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ ଅନ୍ୟଜଣଙ୍କୁ ଅର୍ଥାତ ହଜ୍‌ରତ୍ ଉସ୍‌ମାନଙ୍କୁ ଏକାନ୍ତକୁ ନେଇ ଗଲେ ଏବଂ ତାଙ୍କୁ ମଧ୍ୟ ସେହି ସମାନ କଥା କହିଲେ ଯେତେବେଳେ ସେ ପ୍ରତିଜ୍ଞା ନେଇନେଲେ, ସେତେବେଳେ ସେ ଉସ୍‌ମାନ୍ ର:ଅଙ୍କୁ କହିଲେ ଆପଣ ନିଜ ହାତ ଦିଅନ୍ତୁ ତାହାପରେ ସେ ବୟତ କଲେ ଏବଂ ହଜ୍‌ରତ୍ ଅଲୀ ମଧ୍ୟ ତାଙ୍କର ବୟତ କଲେ ଏଥିଅନ୍ତେ ଘର ଲୋକ ମଧ୍ୟ ଆସି ତାଙ୍କର ବୟତ କରିନେଲେ । ଏହା ବୁଖାରୀରେ ଦରଜ ରହିଛି । ***(ସହି ବୁଖାରୀ କିତାବୁଲ୍ ଫଜାଇଲ୍......... ହଦିସ୍ ୩୭୦୦)***

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ଖ୍ୱିଲାଫତ୍‌ର ଆସନର ଚୟନ ନିମନ୍ତେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘଟଣା ଚର୍ଚ୍ଚା କରି କୁହନ୍ତି, ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କୁ ଆଘାତ ଲାଗିଥିଲା ସେତେବେଳେ ସେ ଅନୁଭବ କରିଥିଲେ କି ବର୍ତମାନ ତାଙ୍କର ଅନ୍ତିମ ସମୟ ଆସିଯାଇଛି । ଅତଏବ ସେ ଛଅଜଣ ଲୋକଙ୍କ ମଧ୍ୟରୁ ଜଣଙ୍କୁ ଖଲିଫା ମନୋନୀତ କରିନେବାର ଓସିୟତ୍ କରିଥିଲେ । ଉକ୍ତ ଛଅଜଣ ବ୍ୟକ୍ତି କ୍ରମାନୁସାରେ ଏପରି ଥିଲେ ହଜ୍‌ରତ୍ ଉସ୍‌ମାନ୍, ହଜ୍‌ରତ୍ ଅଲୀ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ, ହଜ୍‌ରତ୍ ସାଆଦ୍ ବିନ୍ ୱକାସ୍, ହଜ୍‌ରତ୍ ଜୁବୈର୍, ଏବଂ ହଜ୍‌ରତ୍ ତଲ୍‌ହା ର:ଅ । ଏମାନଙ୍କ ସହ ଆପଣ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍‌ଙ୍କୁ ମଧ୍ୟ ସେହି ପରାମର୍ଶରେ ସାମିଲ ହେବାର ଅନୁମତି ପ୍ରଦାନ କରିଥିଲେ କିନ୍ତୁ ତାଙ୍କୁ ଖ୍ୱିଲାଫତ ପଦବୀର ଅଧିକାରୀମାନଙ୍କ ଦଳରୁ ବଂଚିତ ରଖିଥିଲେ ଏବଂ ଏହି ଓସିୟତ କରିଥିଲେ ଯେ ଉକ୍ତ ଦଳ ତିନିଦିନରେ ନିଷ୍ପତି କରିନେବେ ଏବଂ ଏହି ତିନିଦିନ ହଜ୍‌ରତ୍ ସୋଏବ୍ ଇମାମ ମୁସ୍‌ଲାତ୍ ହେବେ । ଏବଂ ପରାମର୍ଶର ଆୟୋଜନ ତଥା ତତ୍ୱାବଧାନ ମିକ୍‌ଦାଦ୍ ବିନ୍ ଅସ୍‌ୱତ କରିବେ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେ ଉକ୍ତ ମାନ୍ୟଗଣ ବ୍ୟକ୍ତିମାନଙ୍କୁ ଏକତ୍ରୀତ କରି ନିଷ୍ପତି କରିବେ ଏବଂ ସ୍ୱୟମଂ ତରବାରୀ ନେଇ ଦ୍ୱାରପାଳ ଭଳି ପହରା ଦେବେ ଏବଂ ଯାହାଙ୍କ ପକ୍ଷେ ଅଧିକାଂଶ ଲୋକେ ସହମତି ପ୍ରକାଶ କରିବେ ସେମାନେ ତାଙ୍କର ବୟତ କରିନେବେ । ଯଦି କେହି ତାହାର ଅମାନ୍ୟ କରନ୍ତି ତେବେ ତାହାକୁ ହତ୍ୟା କରିଦେବ କିନ୍ତୁ ଯଦି ଦୁଇଜଣ ବ୍ୟକ୍ତିଙ୍କ ପକ୍ଷରେ ତିନି ତିନିଜଣ ମତ ପ୍ରକାଶ କରନ୍ତି ତେବେ ସେମାନଙ୍କ ମଧ୍ୟରୁ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ଯାହାଙ୍କୁ ନିର୍ବାଚିତ କରନ୍ତି ସେ ହିଁ ପରବର୍ତୀ ଖଲିଫା ହେବେ ଯଦି ଏଥିରେ ସେମାନେ ରାଜି ନ ହୁଅନ୍ତି  ତେବେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ ଯାହାଙ୍କ ନାମାଙ୍କନ କରିବେ ସେ ହିଁ ଖଲିଫା ହେବେ । ଶେଷରେ ସେହି ପାଂଚଜଣ ସାହାବା ପାରସ୍ପରିକ ପରାମର୍ଶ କଲେ ଓ ସେ ସମୟରେ କି ତଲ୍‌ହା ମଦିନାରେ ଉପସ୍ଥିତ ନଥିଲେ । ତେଣୁ ସେମାନେ କୌଣସି ପରିଣତିରେ ଉପନିତ ହୋଇପାରିନଥିଲେ । ଦୀର୍ଘ ସମୟ ତର୍କ କରିବା ପରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ କହିଲେ ଯେଉଁ ବ୍ୟକ୍ତି ନିଜ ନାମ ସୂଚୀରୁ ବାହାର କରିଦେବାକୁ ଚାହୁଁଛନ୍ତି ସେ କୁହନ୍ତି, ଯେତେବେଳେ ସମସ୍ତେ ନୀରବ ହୋଇଗଲେ ସେତେବେଳେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ କହିଲେ ସର୍ବପ୍ରଥମେ ମୁଁ ନିଜ ନାମ ଧାର୍ଯ୍ୟ ସୂଚୀରୁ କାଟି ଦେଉଛି । ତା'ପରେ ଉସ୍‌ମାନ କହିଲେ ଓ ପରେ ପରେ ଅନ୍ୟ ଦୁଇଜଣ ସାହାବୀ କହିଲେ, ଆମ ନାମ ମଧ୍ୟ କାଟି ଦିଅନ୍ତୁ କିନ୍ତୁ ଅଲୀ ନୀରବ ରହିଲେ ଶେଷରେ ସେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫଙ୍କଠାରୁ ପ୍ରତିଶୃତି ନେଲେ ଯେ, ସେ ନିଷ୍ପତି ନେବା ବେଳେ କୌଣସି ପକ୍ଷପାତ କରିବେ ନାହିଁ । ଅତଏବ ସେ ପ୍ରତିଜ୍ଞା କଲେ ଏବଂ ସମସ୍ତ ନିର୍ଣ୍ଣୟକାର୍ଯ୍ୟ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫଙ୍କ ଉପରେ ନ୍ୟସ୍ତ କରାଇ ଦିଆଗଲା । ବସ୍ତୁତଃ ସେ ତିନିଦିନ କାଳ ମଦିନାର ଘର ଘର ବୁଲି ପୁରୁଷ ଓ ମହିଳାମାନଙ୍କୁ ପଚାରି ବୁଝିଲେ ଯେ ସେମାନଙ୍କ ରାୟ ମୁତାବକ କେଉଁ ବ୍ୟକ୍ତି ଖଲିଫା ହେବାର ପ୍ରକୃତ ଅଧିକାରୀ । ସମସ୍ତେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସପକ୍ଷରେ ନିଜ ନିଜର ସହମତି ପ୍ରକାଶ କରିଥିଲେ । ସୁତରାଂ ସେ ହଜ୍‌ରତ୍ ଉସ୍‌ମାନଙ୍କ ପକ୍ଷେ ନିଷ୍ପତି ଦେଲେ ଏହିପରି ସେ ଖଲିଫା ହେଲେ ।

***(ଖ୍ୱିଲାଫତେ ରାଶ୍‌ଦାଃ ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୧୫, ପୃ-୪୮୮-୪୮୯)***

ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ ଏହା ସବୁ ଇତିହାସର କଥନରୁ ଏକତ୍ରିତ କରି ବର୍ଣ୍ଣନା କରିଛନ୍ତି ।

ଫତହୁଲ୍ ବାରୀ ଶରହ୍ ସହୀ ବୁଖାରୀରେ ଉଲ୍ଲେଖ ରହିଛି କି ହଜ୍‌ରତ୍ ତଲ୍‌ହା ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ଓସିୟତ କରିବା ସମୟରେ ମଦିନାରେ ଉପସ୍ଥିତ ନଥିଲେ ଏବଂ ଯେତେବେଳେ ସେ ମଦିନା ପର୍ତ୍ୟାବର୍ତନ କଲେ ସେତେବେଳକୁ ଉମର୍ ର:ଅଙ୍କ ଦେହାନ୍ତ ଘଟି ସାରିଥିଲା ଏହା ମଧ୍ୟ କୁହାଯାଏ କି ସେ ନୂତନ ଖଲିଫାଙ୍କ ଚୟନର ସଭାକାର୍ଯ୍ୟ ଚାଲିଥିବା ସମୟରେ ହିଁ ଉପସ୍ଥିତ ହୋଇଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ଯାହାଙ୍କୁ ଅଧିକ ସଠିକ୍ ଓ ଉପଯୁକ୍ତ କୁହାଯାଇପାରେ ସେ ହଜ୍‌ରତ୍ ଉସ୍‌ମାନଙ୍କ ବୟତ କାର୍ଯ୍ୟକ୍ରମ ସରିବାପରେ ହିଁ ହାଜର ହୋଇଥିଲେ ।

***(ଫତହୁଲ୍ ବାରୀ ଶରହ୍ ବୁଖାରୀ ଖଣ୍ଡ-୭, ପୃ-୬୯....... ହଦିସ୍ ୩୭୦୦)***

ସେ ଯାହା ହେଉ ହଜ୍‌ରତ୍ ଉସ୍‌ମାନ୍ ଖଲିଫା ନିର୍ବାଚିତ ହେଲେ ତା'ପରେ ସବୁକିଛି ସାମାନ୍ୟ ଅବସ୍ଥାକୁ ଫେରି ଆସିଲା । ପୁନଶ୍ଚ ହଜ୍‌ରତ୍ ଉସ୍‌ମାନଙ୍କ ଶହୀଦ ହେବା ସମୟରେ ମୁସଲମାନମାନେ ହଜ୍‌ରତ୍ ଅଲୀଙ୍କ ନିକଟକୁ ଦୌଡ଼ିଗଲେ ଯେଉଁମାନଙ୍କ ମଧ୍ୟରେ ସାହାବା ଓ ତାବେଇନ୍ ସାମିଲ ଥିଲେ ସେମାନେ ଆପଣଙ୍କ ଘରେ ହାଜର ହୋଇ କହିଲେ ଆମେ ଆପଣଙ୍କ ବୟତ କରୁଅଛୁ । ଅତଃ ଆପଣ ନିଜ ହସ୍ତ ଆଗକୁ ରଖନ୍ତୁ କାରଣ ଆପଣ ଉକ୍ତ ଆସନ ନିମନ୍ତେ ଉପଯୁକ୍ତ ପାର୍ଥୀ ଅଟନ୍ତି । ଏଥିରେ ହଜ୍‌ରତ୍ ଅଲୀ କହିଲେ ଏହା ତୁମର କାର୍ଯ୍ୟ ନୁହେଁ ବରଂ ଏହା ଅସ୍‌ହାବେ ବଦର୍‌ଙ୍କ କାର୍ଯ୍ୟ ଯାହାଙ୍କ ପକ୍ଷେ ସେମାନେ ଏକମତ ହେବେ, ସେ ହିଁ ଖଲିଫା ହେବ ତଥା ପରବର୍ତୀ ଖଲିଫା ହେବେ । ବସ୍ତୁତ୍ୱ ସେମାନେ ବଦରି ସାହାବି ହଜ୍‌ରତ୍ ଅଲୀଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ଆମେ ଆପଣଙ୍କ ବ୍ୟତିତ ଅନ୍ୟ କାହାରିକୁ ଉକ୍ତ ପଦବୀ ପାଇଁ ଉପଯୁକ୍ତ ମଣୁନାହୁଁ । ଅତଏବ ନିଜର ହସ୍ତ ଆଗକୁ ବଢ଼ାନ୍ତୁ ଆମେ ଆପଣଙ୍କ ବୟତ କରିବୁ ହଜ୍‌ରତ୍ ଅଲୀ କହିଲେ ତଲ୍‌ହା ଓ ଜୁବୈର୍ କାହାନ୍ତି । ସର୍ବପ୍ରଥମେ ହଜ୍‌ରତ୍ ତଲ୍‌ହା ଆପଣଙ୍କ ମୌଖିକ ବୟତ କଲେ ଏବଂ ହଜ୍‌ରତ୍ ସାଆଦ୍ ଆପଣଙ୍କ ହସ୍ତ ଧରି ସିଧାସଳଖ ବୟତ କରିଥଲେ ତା'ପରେ ହଜ୍‌ରତ୍ ଜୁବୈର୍ ଓ ବାକି ସାହାବାମାନେ ବୟତ କରିଥିଲେ ।

***(ଉସଦୁଲ୍ ଗାବାଃ......... ଖଣ୍ଡ-୪, ପୃ-୧୦୭....... ବେରୁତ ୨୦୦୩)***

ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ଜୁବୈର୍ ଓ ହଜ୍‌ରତ୍ ଆଇଶା ର:ଅ ହଜ୍‌ରତ୍ ଅଲୀଙ୍କ ବୟତ କରିଥିଲେ କି ନାହିଁ ଏଥି ସମ୍ବନ୍ଧରେ ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ ଗୋଟିଏ ତକ୍‌ରୀର୍‌ରେ: ଖ୍ୱଜା କମାଲୁଦ୍ଦିନ୍ ସାହେବଙ୍କ କେତେକ ଆପତିର ଉତର ଦେଇ କହିଲେ ଏକଥା ବର୍ଣ୍ଣନା କରିବା ଅତ୍ୟନ୍ତ ଜରୁରି ଯେ, ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍, ହଜ୍‌ରତ୍ ଆଇଶା ହଜ୍‌ରତ୍ ଅଲୀଙ୍କ ବୟତ ନ କରିବାକୁ ଆପଣ ଦଲିଲ ମଣନ୍ତୁ ନାହିଁ ଅର୍ଥାତ ଖ୍ୱଜା କମାଲୁଦ୍ଦିନ୍ ସାହେବ । ସେମାନେ ହଜ୍‌ରତ୍ ଅଲୀଙ୍କ ଖଲିଫା ହେବାର ଅମାନ୍ୟକାରୀ ନଥିଲେ ବରଂ ସେମାନେ ହଜ୍‌ରତ୍ ଉସ୍‌ମାନଙ୍କ ହତ୍ୟାକାରୀଙ୍କୁ ନେଇ ପ୍ରଶ୍ନବାଚୀ ଉଠାଇଥଲେ । ପୁନଶ୍ଚ ମୁଁ ଆପଣଙ୍କୁ କହିବାକୁ ଚାହେଁ ଯେ ଯିଏ ଏକଥା କହିଛନ୍ତି କି ସେମାନେ ହଜ୍‌ରତ୍ ଅଲୀଙ୍କ ବୟତ କରିନଥିଲେ ବୋଲି, ସେ ଭୁଲ୍ କହିଛନ୍ତି । ହଜ୍‌ରତ୍ ଆଇଶା ତ ନିଜ ଭୁଲ୍‌ର ସ୍ୱୀକାର କରି ମଦିନାରେ ଯାଇ ବସିପଡ଼ିଥିଲେ ଏବଂ ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ମୃତ୍ୟୁ ପୂର୍ବରୁ ହଜ୍‌ରତ୍ ଅଲୀଙ୍କ ବୟତ କରିନେଇଥିଲେ । ଯାହାକି ଖସାଇସ୍ ବୁଖାରୀ ଭାଗ ଦୁଇରେ ଦରଜ ରହିଛି । ହାକିମ୍‌ଙ୍କ ଏକ ବର୍ଣ୍ଣନା ଏଠାରେ ମୁଁ ଉପସ୍ଥାପନ କରିବାକୁ ଚାହେଁ ଆରବୀ ଅଂଶ ଛାଡ଼ି ତାହାର ଅନୁବାଦ ପାଠ କରିଦେଉଛି ।

ସୋର୍ ବିନ୍ ମଜ୍‌ଜା ମତେ କହିଲେ ଯେ, ଯମଲ୍ ଯୁଦ୍ଧ ଦିନ ମୁଁ ହଜ୍‌ରତ୍ ତଲ୍‌ହାଙ୍କ ନିକଟ ଦେଇ ଅତିକ୍ରମ କଲି ସେତେବେଳେ ସେ ମୃତ୍ୟୁର ନିକଟତର ଥିଲେ । ସେ ମତେ ପଚାରିଲେ ତୁମେ କେଉଁ ଦଳର ମୁଁ ଉତର ଦେଲି ଅମୀରୁଲ୍ ମୁମିନିନ୍ ହଜ୍‌ରତ୍ ଅଲୀଙ୍କ ଯମାତ୍‌ର । ସେ ପୁନରାୟ କହିଲେ ଆଛା ନିଜ ହାତ ବଢ଼ାନ୍ତୁ ମୁଁ ତୁମ ହସ୍ତରେ ବୟତ କରିବାକୁ ଚାହେଁ ଅତଏବ ସେ ମୋ ହାତରେ ହାତ ରଖି ବୟତ କଲେ ଏବଂ ଏହି ଇହଧାମରୁ ବିଦାୟ ନେଲେ । ମୁଁ ଉକ୍ତ ଘଟଣା ସମ୍ବନ୍ଧରେ ଆସି ହଜ୍‌ରତ୍ ଅଲୀଙ୍କୁ ଅବଗତ କରିବାରୁ ଆପଣ କହିଲେ ଅଲ୍ଲାଃ ହୁ ଅକ୍‌ବର୍ ପ୍ରଭୁଙ୍କ ପ୍ରୀୟ ଅବତାରଙ୍କ ଉକ୍ତି ସତ୍ୟ ପ୍ରମାଣିତ ହେଲା । ଅଲ୍ଲାଃଙ୍କର ଏହି ଇଚ୍ଛା ଥିଲା କି ତଲ୍‌ହା ମୋ ବୟତ ନ କରି ବୈକୁଣ୍ଠରେ ପ୍ରବେଶ କରିବେ ନାହିଁ ।

ସେ ଅଶ୍‌ରା ମୁବଶିରା (ଅର୍ଥାତ ଯେଉଁ ଦଶଜଣଙ୍କୁ ବୈକୁଣ୍ଠର ସୁସମାଚାର ଦିଆଯାଇଥିଲା) ମଧ୍ୟରେ ସାମିଲ ଥିଲେ । ହଜ୍‌ରତ୍ ଆଇଶାଙ୍କ ନିକଟରେ ଏକଥା ଯମଲ୍ ଯୁଦ୍ଧର ସମୟରେ ବର୍ଣ୍ଣନା କରାଯିବାରୁ ସେ କହିଲେ କଣ ସତରେ ଲୋକେ ଯମଲ୍ ଯୁଦ୍ଧ ସମ୍ପର୍କରେ ଚର୍ଚ୍ଚା କରୁଛନ୍ତି ? କେହି ଜଣେ କହିଲେ ଆଜ୍ଞା । ସେ ପୁନରାୟ କହିଲେ ପ୍ରଭୁ କରନ୍ତେ କି, ଯେଭଳି ଅନ୍ୟ ଲୋକମାନେ ସେଦିନ ବସି ରହିଛନ୍ତି ମୁଁ ମଧ୍ୟ ବସି ରହିଥାନ୍ତି । ଏହାର ଅଭିଳାଷା ମତେ ଏକଥା ରୁ କାହିଁ କେତେ ଅଧିକ ଯେ, ମୁଁ ହଜୁର ସ:ଆ:ସଙ୍କ ଦଶଟି ସନ୍ତାନର ଜନନୀ ହୋଇଥାନ୍ତି ଏବଂ ସେ ସମସ୍ତେ ଅବ୍‌ଦୁର୍ ରହ୍‌ମାନ ବିନ୍ ହାରିସ୍ ବିନ୍ ହୁଶାମ୍‌ଙ୍କ ପରି ହୋଇଥାନ୍ତେ" । ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ଅଶ୍‌ରା ମୁବଶିରାଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଥିଲେ ଯାହାଙ୍କ ବାବଦରେ ହଜୁର ସ:ଆ:ସ ସେମାନଙ୍କୁ ବୈକୁଣ୍ଠ ବାସୀ ହେବାର ସୁସମାଚାର ପ୍ରଦାନ କରିଥିଲେ ଏବଂ ହଜୁର ସ:ଆ:ସ ଏହି ଉକ୍ତି ସତ୍ୟ ସାବ୍ୟସ୍ତ ହେବା ଅନିର୍ବାଯ୍ୟ ଥିଲା । ସୁତରାଂ ସେ ଏହି ସଂସାରରୁ ବାହୁଡ଼ି ଯିବା ପୂର୍ବରୁ ହିଁ କ୍ଷମା ଭିକ୍ଷା ଓ ଅନୁତାପ କରିଦେଇଥିଲେ" । ଏହାର ମଧ୍ୟ ହଜ୍‌ତର୍ ମସ୍ଲେହ ମଉଦ ର:ଅ ହୱାଲା ଦେଇଛନ୍ତି ।

***(ଅଲ୍‌କୌଲୁଲ୍ ଫସଲ୍, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୨, ପୃ-୩୧୮-୩୧୯)***

ହଜ୍‌ରତ୍ ଉସ୍‌ମାନ୍‌ଙ୍କ ସାହାଦତ୍, ହଜ୍‌ରତ୍ ଅଲୀଙ୍କର ବୟତ କରିବା ତଥା ଯମଲ୍ ଯୁଦ୍ଧର ଚର୍ଚ୍ଚା କରି ହଜ୍‌ରତ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି ।

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟାକାରୀ ବିଭିନ୍ନ ଦିଗକୁ ପଳାୟନ କରିନେଇଥିଲେ ଏବଂ ନିଜକୁ ନିର୍ଦ୍ଦୋଶ ସାବ୍ୟସ୍ତ କରିବାପାଇଁ ଅନ୍ୟମାନଙ୍କ ଉପରେ ଦୋଷାରୋପ କରୁଥିଲେ । ଯେତେବେଳେ ସେମାନଙ୍କୁ ସୁଚନା ମିଳିଲା କି, ହଜ୍‌ରତ୍ ଅଲୀ ମୁସଲମାନମାନଙ୍କଠାରୁ ବୟତ ନେଇନେଲେ ସେତେବେଳେ ସେମାନଙ୍କୁ ଆପଣଙ୍କ ଉପରେ ଏହି ଅଭିଯୋଗ ଲଗାଇବାର ସୁନ୍ଦର ଅବସର ମିଳିଗଲା ଏବଂ ଏକଥା ମଧ୍ୟ ଠିକ୍ ଥିଲା ଯେ ହଜ୍‌ରତ୍ ଅଲୀଙ୍କ ଚତୁଃପାର୍ଶ୍ୱରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ହତ୍ୟାକାରୀଙ୍କ ମଧ୍ୟରୁ କିଛଇ ଲୋକ ଆସି ଏକାଠି ହୋଇଯାଇଥିଲେ । ସେଥିଯୋଗୁଁ ସେହି ମୁନାଫିକ୍‌ମାନଙ୍କୁ ଅଭିଯୋଗ କରିବାପାଇଁ ମଉକା ମିଳିଗଲା । ଅତଏବ ସେମାନଙ୍କ ମଧ୍ୟରୁ ଯେଉଁମାନେ ମକ୍କା ଅଭିମୁଖେ ପଳାୟନ କରିଥିଲେ ସେମାନେ ହଜ୍‌ରତ୍ ଆଇଶାଙ୍କୁ ଏକଥା ସତ ବୋଲି ରାଜି କରାଇଦେଲେ ଏବଂ ହଜ୍‌ରତ୍ ଉସ୍‌ମାନଙ୍କ ହତ୍ୟାର ପ୍ରତିଶୋଧ ନେବାପାଇଁ ଜେହାଦ୍ କରିବାର ଘୋଷଣା କରିବାପାଇଁ ପ୍ରବତାଇଲେ । ଅତଏବ ସେ ଏହିପରି କଲେ ଓ ସାହାବାମାନଙ୍କୁ ନିଜ ସାହାଯ୍ୟ ପାଇଁ ଡ଼ାକରା ଦେଲେ ଅର୍ଥାତ ହଜ୍‌ରତ୍ ଆଇଶା ର:ଅ । ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ର:ଅ ହଜ୍‌ରତ୍ ଅଲୀଙ୍କ ବୟତ ଏହି ସର୍ତରେ କରିନେଇଥିଲେ କି ସେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟାକାରୀଙ୍କୁ ଖୁବ୍ ଶିଘ୍ର ଦଣ୍ଡ ଦେବେ । ଅତଏବ ସେ ଦୁହେଁ ଓ ହଜ୍‌ରତ୍ ଅଲୀ ର:ଅଙ୍କ ମଧ୍ୟରେ ବୁଝାମଣାର ପାର୍ଥକ୍ୟ ଥିଲା । ସେ ଚିନ୍ତା କରୁଥିଲେ କି ପ୍ରଥମେ ସମସ୍ତ ରାଜ୍ୟରେ ସୁବ୍ୟବସ୍ଥା କରାଯାଉ ତା'ପରେ ହତ୍ୟାକାରୀମାନଙ୍କୁ ଦଣ୍ଡବିଧାନ କରାଯିବ । ଯେହେତୁ ଇସ୍‌ଲାମ୍‌ର ସୁରକ୍ଷା ପ୍ରଥମ ଓ ପ୍ରମୁଖ ବିଷୟ ଥିଲା । ଅପରପକ୍ଷେ ହତ୍ୟାକାରୀମାନଙ୍କୁ ଦଣ୍ଡ ଦେବାରେ ବିଳମ୍ବ ଘଟିଲେ କୌଣସି ଅସୁବିଧା ନଥିଲା । ତେଣୁ କରି ହଜ୍‌ରତ୍ ଅଲୀ ର:ଅ ପ୍ରଥମେ ଇସ୍‌ଲାମ୍‌ର ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ଆଗଭର ହୋଇଥିଲେ ପୁଣି ହତ୍ୟାକାରୀଙ୍କ ଚିହ୍ନଟ କରିବାରେ ମଧ୍ୟ ମତାନ୍ତର ଥିଲା ଯେଉଁମାନେ ଦୁଃଖପୁର୍ଣ୍ଣ ଚେହେରା ନେଇ ହଜ୍‌ରତ୍ ଅଲୀଙ୍କ ନିକଟରେ ଉପସ୍ଥିତ ହୋଇଥିଲେ ଏବଂ ଇସ୍‌ଲାମ୍ ଭାଗ ଭାଗ ହୋଇଯିବାର ଚିନ୍ତା ପ୍ରକାଶ କରୁଥିଲେ । ସେମାନଙ୍କ ଉପରେ ହଜ୍‌ରତ୍ ଅଲୀଙ୍କର ସନ୍ଦେହର ଦୃଷ୍ଟି ପ୍ରସାରିତ ହେଉନଥିଲା କି ଏମାନେ ପ୍ରକୃତ ବିଶୃଙ୍ଖଳାର ମୁଳ । କିନ୍ତୁ ଅନ୍ୟମାନେ ସେମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ । ଏହି ମତପାର୍ଥକ୍ୟ ଯୋଗୁଁ ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ର:ଅ ମନେ କଲେ କି ହଜ୍‌ରତ୍ ଅଲୀ ନିଜ କର୍ତବ୍ୟରୁ ଅବହେଳା ପ୍ରଦର୍ଶନ କରୁଛନ୍ତି ଯେହେତୁ ସେମାନେ ଗୋଟିଏ ସର୍ତରେ ହଜ୍‌ରତ୍ ଅଲୀଙ୍କର ବୟତ କରିଥିଲେ ଏବଂ ଉକ୍ତ ସର୍ତ ପୂରଣ ନହେବାରୁ ସେମାନେ ଉକ୍ତ ବୟତରୁ ସ୍ୱାଧୀନ ମନେ କରିଥିଲେ ଅର୍ଥାତ ମୁକ୍ତ ମଣୁଥିଲେ ଏବଂ ଯେତେବେଳେ ହଜ୍‌ରତ୍ ଆଇଶାଙ୍କ ଘୋଷଣା ସେମାନଙ୍କ ନିକଟରେ ପହଂଚିଥିଲା, ସେତେବେଳେ ସେମାନେ ମଧ୍ୟ ତାଙ୍କ ସହିତ ସାମିଲ ହୋଇଥିଲେ ଅର୍ଥାତ ହଜ୍‌ରତ୍ ଆଇଶା ର:ଅ ଏବଂ ଅନ୍ୟମାନେ ମିଶି ବସ୍‌ରା ଅଭିମୁଖେ ଯାତ୍ରା କଲେ ବସ୍‌ରାର ଗର୍ଭନର ଲୋକମାନଙ୍କୁ ତାଙ୍କ ସହ ସାକ୍ଷାତ କରିବାରୁ ନିବୃତ ରଖିଲେ । କିନ୍ତୁ ଯେତେବେଳେ ଲୋକେମାନେ ଏହା ଜାଣିବାକୁ ପାଇଲେ କି ତଲ୍‌ହା ଓ ଜୁବୈର୍ ର:ଅ କେବଳ ଗୋଟିଏ ମାର୍ଗ ଏବଂ ଗୋଟିଏ ସର୍ତକୁ କେନ୍ଦ୍ର କରି ହଜ୍‌ରତ୍ ଅଲୀଙ୍କର ବୟତ କରିଛନ୍ତି ସେତେବେଳେ ଅନେକ ଲୋକେ ତାଙ୍କ ସହିତ ସାମିଲ ହୋଇଗଲେ । ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ଉକ୍ତ ସୈନ୍ୟଦଳ ବିଷୟରେ ସୁଚନା ମିଳିଲା, ସେତେବେଳେ ମଧ୍ୟ ଏକ ସୈନ୍ୟ ଦଳ ଗଠନ କଲେ ଏବଂ ବସ୍‌ରା ଅଭିମୁଖେ ପ୍ରେରଣ କଲେ । ବସ୍‌ରାଠାରେ ପହଂଚିବାପରେ ଗୋଟିଏ ଲୋକକୁ ହଜ୍‌ରତ୍ ଆଇଶା, ହଜ୍‌ରତ୍ ତଲ୍‌ହା ଏବଂ ହଜ୍‌ରତ୍ ଜୁବୈର୍ ର:ଅଙ୍କ ନିକଟକୁ ପଠାଇଲେ । ସେହି ବ୍ୟକ୍ତିଜଣକ ପ୍ରଥମେ ହଜ୍‌ରତ୍ ଆଇଶାଙ୍କ ସେବାରେ ଉପସ୍ଥିତ ହେଲା ଏବଂ ପ୍ରଶ୍ନ କଲା କି ଆପଣଙ୍କ ଉଦ୍ଦେଶ୍ୟ କଣ ରହିଛି । ସେ ଉତର ଦେଲେ ଯେ ଆମର ଉଦ୍ଦେଶ୍ୟ କେବଳ ଇସ୍‌ଲାହ୍ କରିବା ଅର୍ଥାତ ସଂସ୍କାର ଅଟେ । ଏହାପରେ ଉକ୍ତ ବ୍ୟକ୍ତିଜଣକ ତଲ୍‌ହା ଓ ଜୁବୈର୍ ର:ଅଙ୍କୁ ମଧ୍ୟ ଡ଼କାଇଲେ ଏବଂ ତାଙ୍କୁ ପଚାରିଲେ ଯେ, ଆପଣ ଏଥିପାଇଁ ଯୁଦ୍ଧ କରିବାକୁ ତତ୍ପର ପ୍ରକାଶ କରିଛନ୍ତି କି ? ସେ ଉତର ଦେଲେ ହଁ ଯେଉଁ କାରଣଟି କହୁଥିଲି ତାହାହିଁ ସେହି ବ୍ୟକ୍ତିଜଣଙ୍କ ଉତର ଦେଲା ଯେ, ଯଦି ଆପଣଙ୍କ ଉଦ୍ଦେଶ୍ୟ ସଂସ୍କାର ରହିଛି ତେବେ ଏହାର କାର୍ଯ୍ୟ ଶୈଳୀ ଏପରି ନୁହେଁ ଯାହା ଆପଣ ଗ୍ରହଣ କରିଛନ୍ତି ଏହାର ଫଳାଫଳ ଉପଦ୍ରବ ଅଟେ । ବର୍ତମାନ ଦେଶର ଏଭଳି ପରିସ୍ଥିତି ରହିଛି ଯେ ଯଦି ଆପଣ ଜଣେ ବ୍ୟକ୍ତିକୁ ବନ୍ଧ କରିବେ ତେବେ ତାହାର ସମର୍ଥନ ପାଇଁ ସହସ୍ର ବ୍ୟକ୍ତି ଛିଡ଼ା ହୋଇଯିବେ ଓ ତାହା ସହିତ ସଂଘର୍ଷ କରିବେ ଏବଂ ଆହୁରି ଅଧିକ ସଂଖ୍ୟକ ଲୋକମାନେ ସେମାନଙ୍କୁ ସାହାଯ୍ୟ କରିବାପାଇଁ ଆଗେଇ ଆସିବେ । ସୁତରାଂ ସଂସ୍କାର କହିଲେ ଏହା ବୁଝା ଯାଏ ଯେ, ପ୍ରଥମେ ଦେଶକୁ ଏକତାର ରଜୁରେ ବନ୍ଧାଯାଉ ଓ ପରେ ଦୁଷ୍ଟ ବ୍ୟକ୍ତିଙ୍କୁ ଶାସ୍ତି ଦିଆଯାଉ ଅନ୍ୟଥା ଏପରି ଅଶାନ୍ତ ବାତାବରଣରେ କୌଣସି ବ୍ୟକ୍ତିଙ୍କୁ ଶାସ୍ତି ଦେବାର ଅର୍ଥ ଦେଶରେ ଉପଦ୍ରବ ସୃଷ୍ଟି କରିବା ହେବ । ସୁତରାଂ ଯେତେବେଳେ ସରକାର ଗଠନ ହୋଇଯିବ ସେତେବେଳେ ସେହି ସରକାର ଶାସ୍ତି ଦେବାକୁ ସମର୍ଥ ହୋଇପାରିବ । ଉକ୍ତ କଥାକୁ ଶୁଣି ସେ କହିଲେ ଯଦି ହଜ୍‌ରତ୍ ଅଲୀଙ୍କର ଏହି ନିଷ୍ପତି ରହିଛି ତେବେ ଆମେ ତାଙ୍କୁ ଭେଟିବାକୁ ପ୍ରସ୍ତୁତ ଅଛୁ । ଏଥିରେ ଉକ୍ତ ବ୍ୟକ୍ତିଜଣକ ହଜ୍‌ରତ୍ ଅଲୀ ର:ଅଙ୍କୁ ସେଥି ସମ୍ବନ୍ଧରେ ଅବଗତ କଲେ ଏବଂ ଉଭୟ ପକ୍ଷ ପରସ୍ପରକୁ ଭେଟିଲେ ଓ ନିଷ୍ପତି ନେଲେ ସେ ବର୍ତମାନ ପରିପେକ୍ଷୀରେ ଯୁଦ୍ଧ କରିବା ଉଚିତ ନୁହେଁ ବରଂ ସନ୍ଧି କରିବା ବିଧେୟ ।

ସୁତରାଂ ଯେତେବେଳେ ଉକ୍ତ ସମ୍ବାଦଟି ସବାଇମାନଙ୍କ (ଅର୍ଥାତ ଅବ୍‌ଦୁଲ୍ଲାଃ ବିନ୍ ସବାଙ୍କଦଳର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କ ନିକଟରେ ତଥା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ହତ୍ୟାକାରୀମାନଙ୍କ) ନିକଟରେ ପଂହଚିଲା ସେତେବେଳେ ସେ ଅତ୍ୟନ୍ତ ବ୍ୟସ୍ତବିବ୍ରତ ହୋଇ ଉଠିଲେ ଏବଂ ଗୁପ୍ତଭାବରେ ତାଙ୍କର ଏକ ଦଳ ପରାମର୍ଶ ପାଇଁ ଏକତ୍ରିତ ହେଲା । ସେ ପରାମର୍ଶ ପରେ ଏହି ନିଷ୍ପତି ନେଲେ ଯେ ମୁସଲମାନମାନଙ୍କ ମଧ୍ୟରେ ସନ୍ଧି ସ୍ଥାପନ ହେବାର ଅର୍ଥ ଆମମାନଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ସମୟ ଆସିଯିବ । କାରଣ ଆମେ ଆମେ ସେ ପର୍ଯ୍ୟନ୍ତ ହଜ୍‌ରତ୍ ଉସ୍‌ମାନଙ୍କୁ ହତ୍ୟା କରିବାର ଦଣ୍ଡରୁ ବଂଚିପାରିବା ଯେ ପର୍ଯ୍ୟନ୍ତ ମୁସଲମାନମାନେ ପରସ୍ପର ସହିତ ଯୁଦ୍ଧ କରିବାରେ ମାତି ରହିଥିବେ । ଯଦି ସନ୍ଧି ହୋଇଯାଏ ତେବେ ଶାନ୍ତିସ୍ଥାପନ ହୋଇଯିବ । ଏବେ ଆମମାନଙ୍କ ପାଇଁ ଉପଯୁକ୍ତ ସୁରକ୍ଷିତ ସ୍ଥାନ ନାହିଁ ଅର୍ଥାତ ଶାନ୍ତିରୁ ଆଉ ନିସ୍ତାର ମିଳିବ ନାହିଁ । ଏଣୁ କଳେବଳେ କୌଶଳେ ସନ୍ଧି ସ୍ଥାପନ ହେବାକୁ ଦିଅ ନାହିଁ ଠିକ୍ ଏତିକିବେଳେ ହଜ୍‌ରତ୍ ଅଲୀ ର:ଅ ମଧ୍ୟ ପହଂଚିଲେ ଏବଂ ତାଙ୍କର ପହଂଚିବାର ପରବର୍ତୀ ଦିନ ହଜ୍‌ରତ୍ ଅଲୀ ଓ ହଜ୍‌ରତ୍ ଜୁବୈର୍ ର:ଅଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା । ସାକ୍ଷାତ ବେଳେ ହଜ୍‌ରତ୍ ଅଲୀ ର:ଅ କହିଲେ କି ଆପଣ ମୋ ସହ ଯୁଦ୍ଧ କରିବାପାଇଁ ସୈନ୍ୟଦଳ ପ୍ରସ୍ତୁତ କରିଛନ୍ତି କିନ୍ତୁ କଣ ଆପଣ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ କୌଣସି କାରଣ ଉପସ୍ଥାପିତ କରିବାକୁ ପ୍ରସ୍ତୁତ ଅଛନ୍ତି ? ଆପଣମାନେ ନିଜ ହାତରେ କାହିଁକି ଇସ୍‌ଲାମ ଧର୍ମକୁ ଧ୍ୱଂସ କରିବାକୁ ଆଗଭର ହୋଇଛନ୍ତି ଯାହାର ସେବା ଅତ୍ୟନ୍ତ ଦୁଃଖକଷ୍ଟ ସହ୍ୟ କରି ଆପଣମାନେ କରିଥିଲେ । କଣ ମୁଁ କଣ ଆପଣମାନଙ୍କର ଭାଇ ନୁହେଁ ? ତେବେ ଏହା ପଛରେ କେଉଁ କାରଣ ରହିଛି ପ୍ରଥମେ ତ ଆପୋଷର ରକ୍ତପାତ କରି ଜେଣ ଅନ୍ୟଜଣକୁ ହତ୍ୟା କରିବା ହରାମ୍ (ଅବୈଧ) ବୋଲି ମନେ କରାଯାଉଥିଲା, କିନ୍ତୁ ବର୍ତମାନ ତାହାକୁ ବୈଧ ମନେକରାଯାଉଅଛି । ଯଦି କୌଣସି ନୁତନ କଥା ଉତ୍ପନ ହୋଇଯାଇଥାନ୍ତା ତେବେ ଏକପ୍ରକାର କାରଣ ଥିଲା କିନ୍ତୁ ଯେତେବେଳେ କୌଣସି ନୂତନ କଥା ହୋଇନାହିଁ ସେତେବେଳେ ଏହି ସଂଘର୍ଷ କେଉଁଥିପାଇଁ ? ପ୍ରତି ଉତରରେ ହଜ୍‌ରତ୍ ତଲ୍‌ହା କହିଲେ ଯେ (ସେତେବେଳେ ସେ ହଜ୍‌ରତ୍ ଜୁବୈର୍ ତାଙ୍କ ସହିତ ଥିଲେ) ଆପଣ ହଜ୍‌ରତ୍ ଉସ୍‌ମାନ୍‌ଙ୍କ ହତ୍ୟା ପରେ ଲୋକମାନଙ୍କୁ ଉସୁକାଉଛନ୍ତି ଅର୍ଥାତ ହଜ୍‌ରତ୍ ଅଲୀଙ୍କ ଉପରେ ଏ ଆରୋପ ଲଗାଇଲେ । ହଜ୍‌ରତ୍ ଅଲୀ ର:ଅ କହିଲେ ଯେ ମୁଁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ହତ୍ୟା ସଡ଼ଯନ୍ତ୍ରରେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଅଭିଷାପ ଦେଉଛି ଯେ ଅଲ୍ଲାଃ ତାଲା ସେମାନଙ୍କ ଉପରେ ଶାସ୍ତି ଅବତୀର୍ଣ୍ଣ କରନ୍ତୁ । ପୁନଶ୍ଚ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଜୁବୈର୍‌ଙ୍କୁ କହିଲେ କଣ ତୁମର ଏକଥା ମନେ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଥିଲେ ଯେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ତୁମେ ଅଲୀଙ୍କ ସହିତ ଯୁଦ୍ଧ କରିବ ଏବଂ ତୁମେ ଅତ୍ୟାଚାରୀ ହେବ । ଏହା ଶୁଣି ହଜ୍‌ରତ୍ ଜୁବୈର୍ ନିଜ ସୈନ୍ୟ ଦଳ ନିକଟକୁ ପ୍ରତ୍ୟାବର୍ତନ କରି ଗଲେ ଏବଂ ଶପଥ କଲେ ଯେ କସ୍ମିନକାଳେ ହଜ୍‌ରତ୍ ଅଲୀଙ୍କ ସହିତ ଯୁଦ୍ଧ କରିବେ ନାହିଁ ଏବଂ ଏହି ସ୍ୱୀକାରୋକ୍ତି ପ୍ରକାଶ କଲେ ଯେ ତାଙ୍କର ବୁଝାମଣାରେ ତ୍ରୁଟି ରହିଥିଲା । ଯେତେବେଳେ ଉକ୍ତ ସମ୍ବାଦ ଟି ସୈନ୍ୟଦଳରେ ପ୍ରସାରିତ ହେଲା କି ହଜ୍‌ରତ୍ ଜୁବୈର୍ ଯୁଦ୍ଧରୁ ବିରତୀ ନେଇଛନ୍ତି ସେତେବେଳେ ସମସ୍ତେ ଆତ୍ମସନ୍ତୋଷ ଲାଭ କଲେ ଯେ ବର୍ତମାନ ଯୁଦ୍ଧ ହେବ ନାହିଁ ବରଂ ସନ୍ଧି ହେବ । କିନ୍ତୁ ଉପଦ୍ରବକାରୀଙ୍କ ହୃଦୟରେ ଅତ୍ୟନ୍ତ ବ୍ୟତିବ୍ୟସ୍ତ ଓ ଆଲୋଡ଼ନ ସୃଷ୍ଟି ହୋଇଥିଲା ଏବଂ ଯେତେବେଳେ ରାତ୍ର ସମୟ ହେଲା ସେତେବେଳେ ସେମାନେ ସନ୍ଧିକୁ ଅବରୋଧ କରିବାପାଇଁ ଏହି କୌଶଳ ଅବଲମ୍ବନ କଲେ ଯେ ସେମାନଙ୍କ ମଧ୍ୟରୁ ଯେଉଁମାନେ ହଜ୍‌ରତ୍ ଅଲୀଙ୍କ ସହିତ ଥିଲେ ସେମାନେ ହଜ୍‌ରତ୍ ଆଇଶା ଓ ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ଜୁବୈରଙ୍କ ସୈନ୍ୟ ଦଳ ଉପରେ ହଠାତ୍ ଆକ୍ରମଣ କରିଦେଲେ ଏବଂ ଯେଉଏଁମାନେ ସେମାନଙ୍କ ସୈନ୍ୟଦଳରେ ରହିଥିଲେ ସେମାନେ ହଜ୍‌ରତ୍ ଅଲୀଙ୍କ ସୈନ୍ୟ ଦଳ ଉପରେ ଆକ୍ରମଣ କରିଦେଲେ । ପରିଣାମ ସ୍ୱରୁପ ଏକ ସ୍ୱର ଉତଳନ ହୋଇଉଠିଲା ଏବଂ ପ୍ରତ୍ୟେକ ପକ୍ଷ ଏହା ଭାବୁଥିଲା କି ପ୍ରତିପକ୍ଷ ଆମ ସହିତ ବିଶ୍ୱାସଘାତକତା କରିଛି ଯଦିଓ ପ୍ରକୃତ ପକ୍ଷରେ କହିବାକୁ ଗଲେ ତାହା କେବଳ ସବାଇମାନଙ୍କର ଏକ ସଡ଼ଯନ୍ତ୍ର ଥିଲା । ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ ଡ଼ାକିଲେ ଯେ, କେହି ଜଣେ ଯାଇ ହଜ୍‌ରତ୍ ଆଇଶା ର:ଅଙ୍କୁ ଏହା ସୂଚନା ପ୍ରଦାନ କର ଯେ ଅଲ୍ଲାଃ ତାଲା ତାଙ୍କ ମାଧ୍ୟମରେ ଉକ୍ତ ଉପଦ୍ରବକୁ ଦୁରିଭୁତ କରିବେ । ସୁତରାଂ ହଜ୍‌ରତ୍ ଆଇଶା ର:ଅଙ୍କ ଓଟ ଆଗକୁ ଆସିଗଲା କିନ୍ତୁ ପରିଣାମ ଆହୁରି ଭୟାଭୟ ହୋଇ ଉଠିଲା । ଉପଦ୍ରବକାରୀମାନେ ଯେତେବେଳେ ଏହା ଦେଖିଲେ ଯେ ଆଉ ଆମ ଯୋଜନାଟି ଓଲଟି ଯିବାକୁ ବସିଛି ସେତେବେଳେ ସେମାନେ ହଜ୍‌ରତ୍ ଆଇଶା ର:ଅଙ୍କ ଓଟ ଉପରକୁ ତୀର ନିକ୍ଷେପ କରିବାକୁ ଆରମ୍ଭ କଲେ । ହଜ୍‌ରତ୍ ଆଇଶା ଖୁବ୍ ଜୋରରେ ଚିତ୍କାର କରିବାକୁ ଲାଗିଲେ ଯେ ହେ ଲୋକମାନେ ଯୁଦ୍ଧ କରିବା ବନ୍ଦ କର ଓ ଅଲ୍ଲାଃ ତାଲା ଓ ବିଚାରଦିବସକୁ ସ୍ମରଣ କର ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

କିନ୍ତୁ ଉପଦ୍ରବକାରୀମାନେ ତହିଁରୁ କ୍ଷାନ୍ତ ନ ହୋଇ ହଜ୍‌ରତ୍ ଆଇଶା ର:ଅଙ୍କ ଓଟ ଉପରକୁ ଅହରହ ତୀର ବର୍ଷଣ କଲେ କାରଣ ବସ୍‌ରାବାସୀ ସେହି ସୈନ୍ୟ ଦଳ ସହିତ ଥିଲେ ଯେଉଁମାନେ ହଜ୍‌ରତ୍ ଆଇଶା ର:ଅଙ୍କ ଆଖପାଖରେ ଏକତ୍ରୀତ ହୋଇଥିଲେ । ସେମାନେ ଏହି ଦୃଶ୍ୟକୁ ଦେଖି କ୍ରୋଧିତ ହେଲେ ଏବଂ ଉମ୍ମୁଲ୍ ମୁମିନିନଙ୍କ ପ୍ରତି ଏପରି ଧୃଷ୍ଟତାକୁ ଦେଖି ସେମାନଙ୍କ କ୍ରୋଧର ଆଉ ସୀମା ରହିଲା ନାହିଁ ଏବଂ ସେମାନେ ତରବାରୀ ବାହାର କରି ପ୍ରତିପକ୍ଷ ଶତୃଙ୍କ ଉପରେ ଆକ୍ରମଣ କଲେ । ସେତେବେଳକୁ ଏପରି ଅବସ୍ଥା ହୋଇଗଲା ଯେ, ହଜ୍‌ରତ୍ ଆଇଶା ର:ଅଙ୍କ ଓଟ ଯୁଦ୍ଧର କେନ୍ଦ୍ରଭୁମି ପାଲଟି ଯାଇଥିଲା । ସାହାବାମାନେ ଓ ବଡ଼ ବଡ଼ ବୀର ଯୋଦ୍ଧାମାନେ ତାଙ୍କର ଆଖପାଖରେ ଏକତ୍ରିତ ହୋଇଗଲେ ଏବଂ ଜଣଙ୍କ ପରେ ଜଣେ ନିଜ ପ୍ରାଣବଳୀ ଦେବା ଆରମ୍ଭ କରିଦେଲେ କିନ୍ତୁ ଓଟର ମଙ୍ଗକୁ ଅର୍ଥାତ ଦୌଡ଼ିକୁ ସେମାନେ ଛାଡ଼ିଲେ ନାହିଁ । ହଜ୍‌ରତ୍ ଜୁବୈର ର:ଅ ଯୁଦ୍ଧରେ ସାମିଲ ହେଲେ ନାହିଁ ଏବଂ ଗୋଟିଏ ପାର୍ଶ୍ୱକୁ ଚାଲିଗଲେ । କିନ୍ତୁ ଜଣେ ହତଭାଗ୍ୟ ତାଙ୍କ ପଛରେ ଯାଇ ତାଙ୍କୁ ନମାଜ ପାଠ କରୁଥିବା ଅବସ୍ଥାରେ ଦେଖିବା ସତ୍ୱେ ତାଙ୍କୁ ଶହୀଦ କରିଦେଲା । ହଜ୍‌ରତ୍ ତଲ୍‌ହା ର:ଅ ଠିକ୍ ଯୁଦ୍ଧ ଭୁମିରେ ସେହି ଉପଦ୍ରବକାରୀଙ୍କ ହାତରେ ବୀରଗତି ପ୍ରାପ୍ତ କରିଥିଲେ । ଯେତେବେଳେ ଯୁଦ୍ଧର ବିଭୀଷିକା ବଢ଼ିବାକୁ ଲାଗିଲା ସେତେବେଳେ କିଛି ଲୋକେ ଏହା ଭାବିଲେ, ଯେ ପର୍ଯ୍ୟନ୍ତ ହଜ୍‌ରତ୍ ଆଇଶା ର:ଅଙ୍କୁ ମଝିରୁ ହଟାଇ ଦିଆଯାଇନାହିଁ ଯୁଦ୍ଧ ସେ ପର୍ଯ୍ୟନ୍ତ ସମାପ୍ତ ହେବ ନାହିଁ । କେତେକ ଲୋକ ହଜ୍‌ରତ୍ ଆଇଶା ର:ଅଙ୍କ ଓଟ ପାଦକୁ କାଟିଦେଲେ ଓ ପାଲିଙ୍କିକୁ ତଳକୁ ଓହ୍ଲାଇ ଭୁମି ଉପରେ ରଖିଦେଲେ ତେବେ ଯାଇ ଯୁଦ୍ଧର ପରିସମାପ୍ତି ଘଟିଲା । ଉକ୍ତ ଘଟଣା ମୁଳକ ଦୃଶ୍ୟକୁ ଦେଖି ହଜ୍‌ରତ୍ ଅଲୀ ର:ଅଙ୍କ ମୁଖମଣ୍ଡଳ ଲୋହିତ ବର୍ଣ୍ଣ ହୋଇଯାଇଥିଲା କିନ୍ତୁ ଏହିସବୁ ଘଟଣା ଯାହା ଘଟିଯାଇଥିଲା ତାହାର ଅନ୍ୟ କୌଣସି ଉପାୟ ନଥିଲା । ଯୁଦ୍ଧର ପରିସମାପ୍ତି ପରେ ଯେତେବେଳେ ନୀହତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ହଜ୍‌ରତ୍ ତଲ୍‌ହା ର:ଅଙ୍କ ଶବ ମିଳିଲା ସେତେବେଳେ ହଜ୍‌ରତ୍ ଅଲୀ ଅତ୍ୟନ୍ତ ଦୁଃଖ ପ୍ରକାଶ କଲେ ।

ଏହି ସମସ୍ତ ବୃତାନ୍ତରୁ ଏହା ସ୍ୱଷ୍ଟରୂପେ ପ୍ରକାଶ୍ୟ ହେଉଛି ଯେ, ସେହି ଯୁଦ୍ଧରେ ସାହାବାମାନଙ୍କର କୌଣସି ହସ୍ତକ୍ଷେପ ନଥିଲା ବରଂ ଉକ୍ତ ଦୁଷ୍ଟତା ମଧ୍ୟ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଶହୀଦ କରିଥିବା ଉକ୍ତ ଉପଦ୍ରବକାରୀଙ୍କର ହିଁ ଥିଲା ବାସ୍ତବିକ କଥା ହେଉଛି ଏହା କି, ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର ର:ଅ ହଜ୍‌ରତ୍ ଅଲୀଙ୍କ ହସ୍ତରେ ବୟତ କରିବାପରେ ହିଁ ବୀରଗତି ପ୍ରାପ୍ତ କରିଥିଲେ କାରଣ ସେମାନେ ନିଜ ମନସ୍ଥ କରିଥିବା ଇଚ୍ଛାରୁ ଓହୋରି ଯାଇଥିଲେ ଏବଂ ହଜ୍‌ରତ୍ ଅଲୀଙ୍କୁ ସମର୍ଥନ ଦେବାର ପ୍ରତିଶୃତି କରିନେଇଥିଲେ କିନ୍ତୁ କେତେକ ଖଳ ଓ ଉପଦ୍ରବକାରୀ ବ୍ୟକ୍ତିଙ୍କ ଦ୍ୱାରା ସେ ଶହୀଦ ହୋଇଥିଲେ । ସୁତରାଂ ହଜ୍‌ରତ୍ ଅଲୀ ସେହି ଉପଦ୍ରବକାରୀଙ୍କୁ ଅଭିଷାପ ଦେଇଥିଲେ" ।

*(ଅନୱାରେ ଖିଲାଫତ୍, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୩, ପୃ-୧୯୮-୨୦୧)*

ଯମଲ ଯୁଦ୍ଧ ଓ ହଜ୍‌ରତ ତଲ୍‌ହା ର:ଅଙ୍କ ସାହାଦତ ସମ୍ବନ୍ଧରେ ହଜ୍‌ର୍ ମୁସ୍‌ଲେହ୍ ମଉଦ୍ ର:ଅ କୁହନ୍ତି କି ଯେତେବେଳେ ଭୁପୃଷ୍ଠରେ ଅମ୍ବିୟାମାନେ ଅର୍ଥାତ ଅବତାରମାନେ ଆର୍ବିଭୁତ ହୁଅନ୍ତି ସେତେବେଳେ ତାଙ୍କ ପ୍ରାରମ୍ଭିକ ସମୟରେ ଯେଉଁ ବ୍ୟକ୍ତିମାନେ ତାଙ୍କୁ ସ୍ୱୀକାର କରନ୍ତି ସେହିମାନେ ହିଁ ମହାନ୍ ବୋଲାଇଥାନ୍ତି । ପ୍ରତ୍ୟେକ ମୁସଲମାନ ଏହି କଥାଟି ଜାଣେ ଯେ, ରସୁଲେ କରିମ୍ ସ:ଆ:ସଙ୍କ ପରେ ହଜ୍‌ରତ୍ ଅବୁବକର୍, ହଜ୍‌ରତ୍ ଉମର୍, ହଜ୍‌ରତ୍ ଉସ୍‌ମାନ୍, ହଜ୍‌ରତ୍ ଅଲୀ, ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ଜୁବୈର୍, ହଜ୍‌ରତ୍ ଅବଦୁର୍ ରହ୍‌ମାନ୍ ବିନ ଅଓଫ୍, ହଜ୍‌ରତ୍ ସାଆଦ୍ ଓ ହଜ୍‌ରତ୍ ସଇଦ ର:ଅ ହିଁ ସେହି ବ୍ୟକ୍ତି ଥିଲେ ଯେଉଁମାନେ ମହାନ୍ ବ୍ୟକ୍ତିରୂପେ ପରିଗଣିତ ଥିଲେ । କିନ୍ତୁ ସେମାନଙ୍କୁ ମହାନ୍ କହିବାର ତାତ୍ପର୍ଯ୍ୟ ଏହା ନୁହେଁ ଯେ ସେମାନେ ବହୁତ ଆରାମ୍‌ରେ ଓ ସୁଖରେ ଥିଲେ ବରଂ ସେମାନଙ୍କୁ ମହାନ୍ ବୋଲି କୁହାଯିବାର ତାତ୍ପର୍ଯ୍ୟ ଏହି କି ଯେ, ସେମାନଙ୍କୁ ଧର୍ମ ପାଇଁ ଅନ୍ୟ ମୁସଲମାନମାନଙ୍କ ତୁଳନାରେ ଅଧିକ ଦୁଃଖ ଯନ୍ତ୍ରଣା ଓ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ହଜ୍‌ରତ୍ ତଲ୍‌ହା ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ପରେ ମଧ୍ୟ ଜୀବିତ ଥିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସାହାଦତ୍ ପରେ ଯେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଫାଟ ଓ ମନ୍ତାନ୍ତର ଦେଖା ଦେଇଥିଲା ଏବଂ ଗୋଟିଏ ଗୋଷ୍ଠୀ ଏହା କହୁଥିଲା ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଶହୀଦ କରିଥିବା ବ୍ୟକ୍ତିମାନଙ୍କଠାରୁ ଆମକୁ ପ୍ରତିଶୋଧ ନେବା ଉଚିତ । ସେତେବେଳେ ସେହି ଦଳର ନେତା ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ଜୁବୈର୍, ହଜ୍‌ରତ୍ ଆଇଶା ଥିଲେ କିନ୍ତୁ ଅନ୍ୟ ଗୋଷ୍ଠୀ କହିଲା କି ମୁସଲମାନମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଯାଇଛି । ଲୋକେ ମୃତ୍ୟୁବରଣ କରିଥାନ୍ତି, ତେଣୁ ଆମମାନଙ୍କୁ ସର୍ବପ୍ରଥମେ ମୁସଲମାନମାନଙ୍କୁ ଏକତ୍ରିତ କରିବା ଉଚିତ, କାରଣ ଏହା ଦ୍ୱାରା ଇସ୍‌ଲାମ୍ ଧର୍ମର ଗାରିମା ପ୍ରତିଷ୍ଠା ଓ ଶ୍ରେଷ୍ଠତା ସ୍ଥାପିତ ହେବ । ଆମେମାନେ ସେମାନଙ୍କଠାରୁ ପରେ ପ୍ରତିଶୋଧ ନେବା । ସେହି ଦଳର ନେତା ହଜ୍‌ତର୍ ଅଲୀ ର:ଅ ଥିଲେ । ସେହି ମତଭେଦ ଏତେ ମାତ୍ରାରେ ବଢ଼ିଯାଇଇଥିଲା ଯେ ହଜ୍‌ରତ୍ ତଲ୍‌ହା ର:ଅ ହଜ୍‌ରତ୍ ଜୁବୈର୍ ର:ଅ ଓ ହଜ୍‌ରତ୍ ଆଇଶା ର:ଅ ଏ ଆରୋପ ଲଗାଇଲେ କି ହଜ୍‌ରତ୍ ଅଲୀ ର:ଅ ସେହି ଲୋକମାନଙ୍କୁ ଆଶ୍ରୟ ଦେଇଛନ୍ତି ଓ ଆଶ୍ରୟ ଦେବାକୁ ଆଗ୍ରହି ଥିଲେ ଯେଉଁମାନେ ହଜ୍‌ରତ ଉସ୍‌ମାନ ର:ଅଙ୍କୁ ଶହୀଦ କରିଛନ୍ତି । ଅପରପକ୍ଷରେ ହଜ୍‌ରତ୍ ଅଲୀ ର:ଅ ଏହି ଆରୋପ ଲଗେଇଲେ ଯେ, ସେହି ଲୋକମାନେ ନିଜ ବ୍ୟକ୍ତିଗତ ହିତକୁ ଅଗ୍ରାଧିକାର ଦେଇଛନ୍ତି ସେମାନେ ଇସ୍‌ଲାମ୍‌ର ସ୍ୱାର୍ଥକୁ ଗୁରୁତ୍ୱ ଦେଉନାହାନ୍ତି । ସୁତରାଂ ଯେତେବେଳେ ଏହି ମତପ୍ରାର୍ଥକ୍ୟଟି ଶିର୍ଷ ସ୍ଥାନରେ ପହଂଚିଗଲା ସେତେବେଳେ ପରସ୍ପର

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family,*
*Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

*ତାଲିବେ ଦୁଆ: Farzan Ali Khan & Family,*
*Jamat Ahmadiyya, Pankal (Odisha)*

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା'ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | **Aconite - 200** | **Arsenic Alb - 200** | **Gelsemium - 200** |
| (ii) | **Chelidonium Maj - 1x** | | |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୁପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| **Aconite - 200** | **Arsenic Alb - 200** | **Gelsemium - 200** |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | **Influenzinum-200** | **Bacillinum-200** | **Diphtherinum-200** |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା'ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | **Arnica-30** | **Baptisea-30** | **Arsenic Alb-30** |
| | **Heper Sulph-30** | **Nat. Sulph-30** | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | **Chelidonium Maj - 1x** |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

ମଧ୍ୟରେ ଯୁଦ୍ଧ ମଧ୍ୟ ଆରମ୍ଭ ହେଲା ଅର୍ଥାତ ଗୃହଯୁଦ୍ଧ ଏବଂ ତାହା ଏପରି ଯୁଦ୍ଧ ଥିଲା ଯେଉଁ ଯୁଦ୍ଧରେ ହଜ୍‌ରତ୍ ଆଇଶା ର:ଅ ସୈନ୍ୟଦଳର ନେତୃତ୍ୱ ନେଇଥିଲେ ।

ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର୍ ମଧ୍ୟ ଯୁଦ୍ଧରେ ସଂପୃକ୍ତ ଥିଲେ । ମୁଁ ଯେପରି ପୂର୍ବେ ଆଲୋଚନା କଲି ଯେ, ପାରମ୍ଭିକ ପର୍ଯ୍ୟାୟରେ ସେ ବିରୋଧିଙ୍କ ସହିତ ସାମିଲ ଥିଲେ ପୁନଶ୍ଚ ହଜ୍‌ରତ୍ ଜୁବୈର୍ ହଜ୍‌ରତ୍ ଅଲୀ ର:ଅଙ୍କ କଥା ଶୁଣି ପୃଥକ ହୋଇଯାଇଥିଲେ । ଏବଂ ଅନ୍ୟମାନେ ମଧ୍ୟ ସନ୍ଧି ସ୍ଥାପନ କରିବାକୁ ଇଚ୍ଛୁକ ଥିଲେ କିନ୍ତୁ ଯେଉଁ ବିରୋଧିମାନେ ରହିଥିଲେ ସେମାନେ ମିଥ୍ୟାଚାରୀ ଥିଲେ କିମ୍ବା ଯେଉଁ ମୁନାଫିକ୍‌ମାନେ ଥିଲେ ଏବଂ ଯେଉଁ ଉପଦ୍ରବକାରୀମାନେ ଥିଲେ ସେମାନେ ଉପଦ୍ରବ ସୃଷ୍ଟି କରିଥିଲେ । ସେ ଯାହା ହେଉ ନା କାହିଁକି ସେମାନେ ଦୁଇଟି ଗୋଷ୍ଠୀ ଥିଲେ ସେମାନେ ମଧ୍ୟ ଗୋଟିଏ ଯୁଦ୍ଧରେ ସାମିଲ ଥିଲେ ଏବଂ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ଜାରି ରହିଥିଲା ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ହଜ୍‌ରତ୍ ତଲହାଙ୍କ ନିକଟକୁ ଆସିଲା ଏବଂ ତାଙ୍କୁ କହିଲା କି ତଲହା ତୁମକୁ ମନେ ଅଛି ଯେ ଅମୁକ ଅବସରରେ ମୁଁ ଓ ତୁମେ ରସୁଲେ କରିମ୍ ସ:ଆ:ସଙ୍କ ନିକଟରେ ବସିଥିଲେ ସେତେବେଳେ ହଜୁର ସ:ଆ:ସ କହିଲେ ଏଭଳି ଏକ ସମୟ ଆସିବ ଯେତେବେଳେ ତୁମେ ଅନ୍ୟ ଦଳରେ ଯୋଗ ଦେଇଥିବ ଓ ହଜ୍‌ରତ୍ ଅଲୀ ଆଉ ଏକ ଦଳରେ ଯୋଗ ଦେଇଥିବେ କିନ୍ତୁ ଅଲୀ ସତ୍‌ପଥରେ ଥିବେ ଓ ତୁମେ ଅସତ୍ ପଥରେ ଥିବ । ଯେତେବେଳେ ହଜ୍‌ରତ୍ ତଲ୍‌ହା ଉକ୍ତ କଥା ଶୁଣିଲେ ସେତେବେଳେ ତାଙ୍କର ଚକ୍ଷୁ ଖୋଲିଗଲା ଏବଂ ସେ କହିଲେ ମତେ ସେହି କଥା ମନେ ପଡ଼ିଯାଇଛି । ଏବଂ ସେ ସେହି କ୍ଷଣି ଉକ୍ତ ବିରୋଧି ସୈନ୍ୟ ଦଳରୁ ବାହାରି ଚାଲିଗଲେ । କିନ୍ତୁ ଯେତେବେଳେ ସେ ବିରୋଧି ସୈନ୍ୟ ଦଳ ଛାଡ଼ି ଯାଇଥିଲେ ଏବଂ ସେ ସେହି କ୍ଷଣି ଉକ୍ତ ବିରୋଧି ଦଳରୁ ବାହାରି ଆସିଥିଲେ । କିନ୍ତୁ ଯେତେବେଳେ ସେ ବିରୋଧି ସୈନ୍ୟ ଦଳକୁ ଛାଡ଼ି ଚାଲିଯାଇଥିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହେଉ ଠିକ୍ ସେତିକିବେଳେ ଜଣେ ହତଭାଗା ବ୍ୟକ୍ତି ଯିଏ କି ହଜ୍‌ରତ୍ ଅଲୀଙ୍କ ସୈନ୍ୟ ଦଳରେ ସାମିଲ ଥିଲେ ସେ ତାଙ୍କ ପଛପଟୁ ଯାଇ ତାଙ୍କ ପିଠିରେ ଛୁରା ମାଡ଼ କରିଥିଲେ ଓ ତାଙ୍କୁ ଶହୀଦ କରିଦେଇଥିଲେ । ହଜ୍‌ରତ୍ ଅଲୀ ର:ଅ ନିଜ ସ୍ଥାନରେ ବସିଥିଲେ ସେହି ହତ୍ୟାକାରୀ ଯିଏ ତଲ୍‌ହାଙ୍କୁ ହତ୍ୟା କରିଥିଲେ, ହଜ୍‌ରତ୍ ଅଲୀଙ୍କ ନିକଟକୁ ଦୌଡ଼ି ଆସି ଅତି ଆନନ୍ଦର ସହ ଏହି ସୁଚନା ଦେଲେ କି ହଜ୍‌ରତ୍ ଅଲୀଙ୍କୁ ଉକ୍ତ ସୁଚନା ମିଳିଲେ ତାକୁ ପୁରସ୍କାର ମିଳିବ । କହିଲେ ହେ ଅମୀରୁଲ୍ ମୁମିନିନ୍ ମୁଁ ଆପଣଙ୍କୁ ଆପଣଙ୍କ ଶତୃର ନୀହତ ହେବାର ସୁଚନା ଦେଉଛି । ହଜ୍‌ରତ ଅଲୀ ର:ଅ କହିଲେ କେଉଁ ଶତ୍ରୁ ସେହି ହତ୍ୟାକାରୀ କହିଲା ଯେ, ଅମୀରୁଲ୍ ମୁମିନିନ୍ ମୁଁ ହଜ୍‌ତର୍ ତଲ୍‌ହା ର:ଅଙ୍କୁ ହତ୍ୟା କରିଛି । ହଜ୍‌ରତ୍ ଅଲୀ ର:ଅ କହିଲେ ହେ ବ୍ୟକ୍ତି ମୁଁ ମୋ ମଧ୍ୟ ରସୁଲେ କରିମ୍ ସ:ଆ:ସଙ୍କ ତରଫରୁ ଏହି ସମ୍ବାଦ ଦେଉଅଛି ଯେ ତୁମେ ନର୍କାଗ୍ନିରେ ନିକ୍ଷେପ ହେବ କାରଣ ରସୁଲେ୍ କରିମ୍ ସ:ଆ:ସ ଏକଥା କହିଥିଲେ ଠିକ୍ ସେତିକିବେଳେ ମୁଁ ଓ ତଲ୍‌ହା ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ବସିଥିଲୁ ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ହେ ତଲ୍‌ହା ତୁମେ ଏକଦା ସତ୍ୟ ଓ ନ୍ୟାୟ ପାଇଁ ତିରସ୍କୃତ ହେବ ଏବଂ ତୁମକୁ ଜଣେ ବ୍ୟକ୍ତି ହତ୍ୟା କରିବ କିନ୍ତୁ ଅଲ୍ଲାଃ ତାଲା ସେହି ବ୍ୟକ୍ତିକୁ ନର୍କାଗ୍ନିରେ ନିକ୍ଷେପ କରିବେ ।

ତେଣୁ ଯୁଦ୍ଧ ଭୁମିରେ ଯେତେବେଳେ ହଜ୍‌ରତ୍ ଅଲୀ ଓ ହଜ୍‌ରତ୍ ତଲ୍‌ହା ଏବଂ ହଜ୍‌ରତ୍ ଜୁବୈର୍ ର:ଅଙ୍କ ସୈନ୍ୟଦଳର ଧାଡ଼ି ପରସ୍ପର ସମ୍ମୁଖରେ ଛିଡ଼ା ହେଲେ ସେତେବେଳେ ହଜ୍‌ରତ୍ ତଲ୍‌ହା ନିଜ ସପକ୍ଷରେ ପ୍ରମାଣ ଦେବାକୁ ଲାଗିଲେ । ଏହି କଥାଟି ସେହି ସମୟର ପୂର୍ବ କଥା ଥିଲା ଯେତେବେଳେ ଜଣେ ସାହାବି ତାଙ୍କୁ ଉକ୍ତ ହଦୀସ୍ ସ୍ମରଣ କରାଇଥିଲେ ଓ ସେ ଯୁଦ୍ଧରୁ ବିରତ ରହିଥିଲେ । ସେ ଉକ୍ତ ପ୍ରମାଣ ବର୍ଣ୍ଣନା କରୁଥିଲେ କି ଠିକ୍ ସେତିକି ବେଳେ ହଜ୍‌ରତ୍ ଅଲୀ ର:ଅଙ୍କ ସୈନ୍ୟ ଦଳରୁ ଜଣେ ବ୍ୟକ୍ତି କହିଲା ଆରେ ତୁଣ୍ଡା ଚୁପ୍ ରହ । ହଜ୍‌ରତ୍ ତଲ୍‌ହା ର:ଅଙ୍କର ଗୋଟିଏ ବାହୁ ସମ୍ପୁର୍ଣ୍ଣରୂପେ ନିଷ୍କ୍ରିୟ ହୋଇଯାଇଥିଲା ସେ କାମ କରିବାକୁ ଅକ୍ଷମ ଥିଲେ । ସେତେବେଳେ ସେହି ବ୍ୟକ୍ତିଜଣକ କହିଲା କି ଆରେ ତୁଣ୍ଡା ଚୁପ୍ ରହ୍ ସେତେବେଳେ ତଲ୍‌ହା କହିଲେ ତୁମେ ମତେ ତୁଣ୍ଡା କହିଲ କିନ୍ତୁ କଣ ତୁମକୁ ଜ୍ଞାତ ଅଛି ଯେ, ମୁଁ ତୁଣ୍ଡା କିପରି ହେଲି ? ଓ୍ୱହଦ୍ ଯୁଦ୍ଧରେ ଯେତେବେଳେ ମୁସଲ୍‌ମାନମାନଙ୍କର ପାଦ ଦୋହଲି ଯାଇଥିଲା ଏବଂ ରସୁଲେ କରିମ୍ ସ:ଆ:ସଙ୍କ ସହିତ କେବଳ ୧୨ଜଣ ବ୍ୟକ୍ତି ରହିଯାଇଥିଲେ, ସେତେବେଳେ ଅବିଶ୍ୱାସକାରୀଙ୍କ ତିନିହଜାର ସୈନ୍ୟ ଆମକୁ ଘେରି ଆସିଥିଲା ଏବଂ ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରକୁ ଏହା ଭାବି ଚାରିଆଡ଼ୁ ତୀର ବର୍ଷଣ କଲେ ଯଦି ନଉଜୁବିଲ୍ଲା ହଜ୍‌ରତ୍ ସ:ଆ:ସଙ୍କୁ ଶେଷ କରିଦିଆଯାଏ ତେବେ ସମସ୍ତେ ସମାପ୍ତ ହୋଇଯିବେ । ସେତେବେଳେ ଅବିଶ୍ୱାସକାରୀଙ୍କ ପ୍ରତ୍ୟେକ ସୈନ୍ୟର ଧନୁ ହଜୁର ସ:ଆ:ସଙ୍କ ମୁହଁ ଆଡ଼କୁ ତୀର ନିକ୍ଷେପ କରୁଥିଲା । ସେତେବେଳେ ମୁଁ ନିଜର ହାତ ହଜୁର ସ:ଆ:ସଙ୍କ ମୁଖ ମଣ୍ଡଳ ଆଗରେ ରଖିଦେଇଥିଲି ଏବଂ ଅବିଶ୍ୱାସକାରୀଙ୍କ ସମସ୍ତ ତୀର ମୋର ସେହି ହାତକୁ ବୋକାର କରିଦେଇଥିଲା । ଏପରିକି ମୋର ଗୋଟିଏ ବାହୁ ସମ୍ପୁର୍ଣ୍ଣରୂପେ ନିଷ୍କ୍ରିୟ ହୋଇ ତୁଣ୍ଡା ହୋଇଗଲା କିନ୍ତୁ ମୁଁ ରସୁଲେ କରିମ୍ ସ:ଆ:ସଙ୍କ ମୁଖ ଆଗରୁ ନିଜର ହାତକୁ ଉଠାଇ ନଥିଲି ।

*(ଅନୱାରୁଲ୍ ଉଲୁମ୍ ଖଣ୍ଡ-୨୧, ପୃ-୧୪୯-୧୫୧)*

ଯମଲ୍ ଯୁଦ୍ଧ ସମ୍ବନ୍ଧରେ ଅନ୍ୟଏକ ସ୍ଥାନରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ ର:ଅ ବର୍ଣ୍ଣନା କରି କୁହନ୍ତି ଯେ କେହି ଜଣେ ଏକଥା କହିଲା ଯେ ସେହି ତୁଣ୍ଡା (ହାତ ଖଣ୍ଡି) ଜଣକ ମରିଗଲେ । ଆଉ ଜଣେ ସାହାବି ସେହି କଥାକୁ ଶୁଣିଥିଲେ ଏବଂ ସେହି ଆକ୍ଷେପ କରିଥିବା ବ୍ୟକ୍ତିକୁ କହିଥିଲେ ଯେ, ହେ ହତଭାଗ୍ୟ ବ୍ୟକ୍ତି ତୁ କଣ ଜାଣିଛୁ ଯେ ସେ କିପରି ତୁଣ୍ଡା ହୋଇଥିଲେ । ଓ୍ୱହଦ୍ ଯୁଦ୍ଧ ଅବସରରେ ଗୋଟିଏ ଭୁଲ ଯୋଗୁଁ ସାହାବୀମାନଙ୍କର ଏକ ଦଳ ଯୁଦ୍ଧ ଭୁମିରୁ ପଳାୟନ କରିଥିଲେ ଏବଂ ଅବିଶ୍ୱାସୀକାରୀଙ୍କୁ ଯେତେବେଳେ ଏହା ପ୍ରତିତ ହେଲା ଯେ, ରସୁଲେ କରିମ୍ ସ:ଆ:ସ କେବଳ କମ୍ ସଂଖ୍ୟକ ବ୍ୟକ୍ତିଙ୍କ ସହିତ ଯୁଦ୍ଧ ଭୁମିରେ ରହିଯାଇଛନ୍ତି । ଠିକ୍ ସେତିକିବେଳେ ପ୍ରାୟ ତିନିହଜାର ଅବିଶ୍ୱାସକାରୀମାନେ ଉକ୍ତ ସୈନ୍ୟଦଳ ଉପରେ ଚାରିପଟରୁ ଘେରିଗଲେ ଏବଂ ଶତାଧିକ ଧନୁରଧାରୀମାନେ ଧନୁ ଧରି ପ୍ରସ୍ତୁତ ଥିଲେ ଓ ନିଜର ତୀରକୁ ରସୁଲେ କରିମ୍ ସ:ଆ:ସଙ୍କ ମୁହଁ ଆଡ଼କୁ ନିକ୍ଷେପ କରୁଥିଲେ । ଠିକ୍ ସେତିକିବେଳେ ସେହି ବ୍ୟକ୍ତି ଯିଏ ହଜୁର ସ:ଆ:ସଙ୍କ ମୁଖ ମଣ୍ଡଳକୁ ରକ୍ଷା କରିବାପାଇଁ ନିଜକୁ ଛିଡ଼ା କରିଥିଲେ ସେ ତଲ୍‌ହା ର:ଅ ଥିଲେ । ହଜ୍‌ରତ୍ ତଲ୍‌ହା ର:ଅ ନିଜ ହାତ ରସୁଲେ କରିମ୍ ସ:ଆ:ସଙ୍କ ଆଗକୁ କରିଦେଇଥିଲେ ଓ ସମସ୍ତ ତୀରର କୋପକୁ ମୁଣ୍ଡପାତି ସହି ଯାଇଥିଲେ ଏବଂ ସେହି ତୀର ଆସି ହଜରତ ତଲ୍‌ହା ର:ଅଙ୍କ ହାତରେ ଭେଦ କରିଥିଲା ଏବଂ ଏଭଳି ତୀର ବର୍ଷଣ ହେଲା କି ସେହି ତୀରର କୋପ ଦ୍ୱାରା ତାଙ୍କର ଗୋଟିଏ ବାହୁ ସମ୍ପୁର୍ଣ୍ଣରୁପେ ନିଷ୍କ୍ରିୟ ହୋଇଯାଇଥିଲା । ତେବେ ତୁମେ ଯାହାକୁ ହୀନ ଅର୍ଥାତ୍ ତୁଣ୍ଡା ବୋଲି କହୁଛ ତାହା ତୁଣ୍ଡା ହେବା ଏକ ପ୍ରକାର ପୁରସ୍କାର ଅଟେ । ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ସେହି ତୁଣ୍ଡା ଓ ସେହି ପୁରସ୍କାର ନେବାପାଇଁ ବ୍ୟାକୁଳ ।

*(ଖୁତ୍‌ବାତେ ମହ୍‌ମୁ ଖଣ୍ଡ-୨୬, ପୃ-୩୮୬ ଖୁତ୍‌ବା ଯୁମା ପ୍ରଦତ ୨୮ ସେପ୍ଟେମ୍ବର ୧୯୪୫)*

ରବିବିନ୍ ହିରାଶ ବର୍ଣ୍ଣନା କରନ୍ତି କି ମୁଁ ହଜ୍‌ରତ୍ ଅଲୀ ର:ଅଙ୍କ ପାଖରେ ବସିଥିଲି ଠିକ୍ ସେତିକି ବେଳ ଇମ୍‌ରାନ୍ ବିନ୍ ତଲ୍‌ହା ଆସିଲେ ହଜ୍‌ରତ୍ ଅଲୀ ର:ଅଙ୍କୁ ସଲାମ୍ କଲେ ହଜ୍‌ରତ୍ ଅଲୀ ର:ଅ ତାଙ୍କୁ କହିଲେ ମର୍‌ହବା ଇମ୍‌ରାନ୍ ଇବ୍‌ନୁ ତଲ୍‌ହା କହିଲେ ହେ ଅମୀରୁଲ୍ ମୁମିନିନ୍ ଆପଣ ମତେ ମର୍‌ହବା କହୁଛନ୍ତି ଅର୍ଥାତ ସ୍ୱାଗତ ଜଣାଉଛନ୍ତି ଏହାର ଅପରପକ୍ଷରେ ଆପଣ ହିଁ ମୋର ପିତାଙ୍କୁ ବଧ କରିଥିଲେ ଏବଂ ତାଙ୍କ ଧନ ନେଇଯାଇଥିଲେ । ହଜ୍‌ରତ୍ ଅଲୀ ର:ଅ କହିଲେ ତୁମର ଧନ ତ ବଇତୁଲ୍ ମାଲ୍‌ରେ ପଡ଼ିରହିଛି । ସକାଳେ ଆସି ତୁମେ ତୁମର ଧନ ନେଇଯାଇପାର । ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅଲୀ ର:ଅ କହିଲେ ମୁଁ ସେହି ଧନକୁ ନିଜ ଆୟତରେ ଏଥିପାଇଁ ରଖିଥିଲି କି ଲୋକେମାନେ ତାହାକୁ ନିଜର ଅଧିକୃତ କରିନ ନିଅନ୍ତୁ । ଅର୍ଥାତ ନେଇ ନ ଯାଆନ୍ତୁ । ଦ୍ୱିତୀୟ କଥା ହେଉଛି ଏହା କି ତୁମର କହିବା ଅନୁଯାୟୀ ମୁଁ ତୁମର ପିତାଙ୍କୁ କୁଆଡ଼େ ବଦ୍ଧ କରିଛି । ମୁଁ ଆଶା କରୁଛି ଯେ ମୁଁ ଓ ତୁମର ପିତା ସେହି ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବେ ଯାହାଙ୍କ ସମ୍ବନ୍ଧରେ ଅଲ୍ଲାଃ ତାଲା କହିଥିଲେ ଯେ **ଓ୍ୱ ନଜଅନା ମା ଫିସୁଦୁରିହିମ୍ ମିନ୍ ଗିଲ୍ଲିନ୍ ଇଖ୍‌ୱାନନ୍ ଅଲା ସୁରୁରିମ୍ ମୁତକାବିଲିନ୍** (ଅଲ୍‌ହଜର୍:୪୮) ଅର୍ଥାତ ଆମ୍ଭେ ସେମାନଙ୍କ ହୃଦୟରୁ ଯାହାବି ବୈରାଗ୍ୟ ଥିବ ତାହାକୁ ବାହାର କରିଦେବୁ ସେମାନେ ଭାଇଭାଇ ହୋଇ ପରସ୍ପର ସମ୍ମୁଖରେ ସିଂହାସନରେ ବିରାଜମାନ ହେବେ ।

*(ତବକାତୁଲ୍ କୁବ୍‌ରା..... ଖଣ୍ଡ-୩, ପୃ-୧୬୯....... ବେରୁତ ୧୯୯୦)*

ମହମ୍ମଦ୍ ଅନ୍‌ସାରୀ ନିଜର ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ଯମଲ୍ ଯୁଦ୍ଧ ଦିନ ଜଣେ ବ୍ୟକ୍ତି ହଜ୍‌ରତ୍ ଅଲୀ ର:ଅଙ୍କ ନିକଟକୁ ଆସିଲା ଏବଂ କହିଲା ଯେ, ତଲ୍‌ହାଙ୍କ ହତ୍ୟାକାରୀକୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ପ୍ରଦାନ କରନ୍ତୁ ମଣିମା । ବର୍ଣ୍ଣନାକାରୀ କୁହନ୍ତି ଯେ ମୁଁ ହଜ୍‌ରତ୍ ଅଲୀ ର:ଅଙ୍କୁ ଏହା କହୁଥିବାର ଶୁଣିଲି ଯେ ସେହି ହତ୍ୟାକାରୀକୁ ନର୍କାଗ୍ନିର ସମ୍ବାଦ ଦେଇଦିଅ ।

*(ତବକାତୁଲ୍ କୁବ୍‌ରା..... ଖଣ୍ଡ-୩, ପୃ-୧୬୯....... ବେରୁତ ୧୯୯୦)*

ହଜ୍‌ରତ୍ ତଲ୍‌ହା ର:ଅ ଯେତେବେଳେ ଶହୀଦ ହୋଇଥିଲେ ଏବଂ ହଜ୍‌ରତ୍ ଅଲୀ ସେହି ଶହୀଦ୍ ହୋଇଥିବା ବ୍ୟକ୍ତିଙ୍କ ମୁଖ ମଣ୍ଡଳକୁ ଅର୍ଥାତ ହଜ୍‌ରତ୍ ତଲ୍‌ହାଙ୍କ ମୁଖ ମଣ୍ଡଳରୁ ଧୂଳି ପୋଛିବାକୁ ଲାଗିଲେ ଓ କହିଲେ ହେ ଅବୁ ମୁହମ୍ମଦ୍ ମୋ ପାଇଁ ଏହି କଥା ଅତ୍ୟନ୍ତ କଷ୍ଟଦାୟକ ଯେ ମୁଁ ତୁମକୁ ଆକାଶର ତାରା ତଳେ ଧୂଳିଧୁସର ହୋଇଥିବାର ଦେଖିବାକୁ ପାଇଲି ପୁନଶ୍ଚ କହିଲେ ମୁଁ ଅଲ୍ଲାଃ ତାଲାଙ୍କ ନିକଟରେ ନିଜର ସମସ୍ତ ଦୋଷ ଦୁର୍ବଳତା ଓ ଯନ୍ତ୍ରଣାକୁ ନିବାରଣ କରିବାପାଇଁ ତୁମ ଆଗରେ ଗୁହାରୀ କରୁଛି । ପୁନଶ୍ଚ ହଜ୍‌ରତ୍ ଅଲୀ ର:ଅ ତାଙ୍କ ପାଇଁ କରୁଣାର ଦୁଆ କଲେ ପୁନଶ୍ଚ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ତଲ୍‌ହା ର:ଅ ଦୟା ବର୍ତୀର୍ଣ୍ଣ ପାଇଁ ଦୁଆ କଲେ ଏବଂ କହିଲେ କି ଏପରି ହୋଇଥାନ୍ତା କି ମୁଁ ୨୦ ବର୍ଷ ପୂର୍ବେ ମରିଯାଇଥାନ୍ତି । ହଜ୍‌ରତ୍ ଅଲୀ ର:ଅ ଓ ତାଙ୍କର ସାଥିମାନେ ବହୁତ କାନ୍ଦିଥିଲେ ହଜ୍‌ରତ୍ ଅଲୀ ଏକଦା ଜଣେ ବ୍ୟକ୍ତିଙ୍କୁ ଏହି ପଂକ୍ତି ପାଠ କରୁଥିବାର ଶୁଣୁଥିଲେ **ଫତନ୍ କାନା ୟୁଦ୍‌ନିହିଲ୍ ଗିନା ମିନ୍ ସଦିକ୍‌ସି ଇଜାମା ହୁଓ୍ୱସ୍‌ତଗ୍‌ନା ଓ୍ୱ ୟୁବ୍‌ଇଦୁହୁଲ୍ ଫକ୍‌ରୁ** ଅର୍ଥାତ ସେ ଜଣେ ଏପରି ଯୁବକ ଥିଲା ଯେ ଧନଧାନ୍ୟ ଓ ଅଜସ୍ର ସମ୍ପତିର ମାଲିକ ଥିଲା ଏହା ସତ୍ୱେ ସାଙ୍ଗ ସାଥିମାନଙ୍କ ସହିତ ମିଳିମିଶି ରହୁଥିଲା ଏବଂ ଅଭାବ ସମୟରେ ସେମାନଙ୍କଠାରୁ ଦୁରେଇ ଯାଉଥିଲା । ହଜ୍‌ରତ୍ ଅଲୀ ର:ଅ କୁହନ୍ତି ଉକ୍ତ ପଦ୍ୟର ଚରିତାର୍ଥ ଅବୁ ମୁହମ୍ମଦ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ଥିଲେ ଅଲ୍ଲାଃ ତାଲା ତାଙ୍କ ସହ ଦୟା ଅଚରଣ କରନ୍ତୁ । ***(ଉସ୍‌ଦୁଲ୍ ଗାବାଃ..... ଖଣ୍ଡ-୩, ପୃ-୮୭....... ବେରୁତ)*** ଏଠାରେ ତାଙ୍କର ଚର୍ଚ୍ଚା ସମାପ୍ତ ହେଲା ।

ବର୍ତମାନ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି ସେଥି ସମ୍ବନ୍ଧରେ ହଜ୍‌ତର୍ ମସିହ୍ ମଉଦ ଆ:ସଙ୍କର ଗୋଟିଏ ଇକ୍‌ତିବାସ୍ ପାଠ କରିଦେଉଛି । ଏକଦା ଆପଣ ହଜ୍‌ରତ୍ ମୁଫତି ସାଦିକ୍ ସାହେବଙ୍କୁ କହିଥିଲେ ଘର ଗୁଡ଼ିକୁ ଉଜ୍ଜଳ ରଖନ୍ତୁ ସେତେବେଳେ ତାଉନ୍‌ର ତଥା ପ୍ଲେଗ୍‌ର ଦିନ ଥିଲା ଏବଂ ନିଜ ଘରକୁ ସଫା ସୁତୁରା ରଖନ୍ତୁ ନିଜ ପରିହିତ ବସ୍ତ୍ରଗୁଡ଼ିକୁ ପରିଷ୍କାର ରଖନ୍ତୁ । ଆଜିକାଲି ଦିନଗୁଡ଼ିକ ବେଶ୍ କଠିନ୍ ଏବଂ ବାୟୁ ବିଷାକ୍ତ ରହିଛି । ଦେଖ ପବିତ୍ର କୋରାନ୍‌ରେ ଲେଖା ରହିଛି । **ଓ୍ୱ ସିୟାବକା ଫତହିର୍ ଓ୍ୱର୍ ରୁଜ୍‌ଜା ଫହ୍‌ଜୁର୍ ।**

*(ମଲ୍‌ଫୁଜାତ ଖଣ୍ଡ-୪, ପୃ-୨୩୭-୨୭୪)*

ଆଉ ଏକ ସ୍ଥାନରେ କହିଲେ ଯେଉଁ ଲୋକମାନଙ୍କ ସହର ଓ ଗ୍ରାମରେ ପ୍ଲେଗ ଭିଷଣ ଭାବରେ ପରିବ୍ୟାପ୍ତ ହେଉଛି ସେଠାରୁ ଲୋକେ ଅନ୍ୟ ସ୍ଥାନକୁ ପଳାୟନ କରନ୍ତୁ ନାହିଁ । ନିଜ ଘରକୁ ପରିସ୍କାର ପରିଚ୍ଛନ ଓ ଉତପ୍ତ ରଖନ୍ତୁ ତଥା ଆବଶ୍ୟକିୟ ସୁରକ୍ଷା ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଅନ୍ତୁ ଏବଂ ସବୁଠାରୁ ବଳି ପବିତ୍ର ଓ ସ୍ୱଚ୍ଛ ହୃଦୟର ସହ କ୍ଷମା ପ୍ରାର୍ଥନା କରନ୍ତୁ ନିଜ ଭିତରେ ପବିତ୍ର ପରିବର୍ତନ କରନ୍ତୁ । ରାତିରେ ଉଠି ତହ୍‌ଜୁଦ୍ ନମାଜରେ ଦୁଆ କରନ୍ତୁ । ଅଧିକନ୍ତୁ ହଜୁର ଆ:ସ କୁହନ୍ତି ନିଜ ଅବସ୍ଥାରେ ପ୍ରକୃତପକ୍ଷେ ପରିବର୍ତନ ଆଣନ୍ତୁ । ଏହା ଦ୍ୱାରା ଖୁଦାଙ୍କ ଦଣ୍ଡରୁ ବଂଚିପାରିବା ୱ ନେମା ମା କିଲା । ***(ମଲ୍‌ଫୁଜା ଖଣ୍ଡ-୩, ପୃ-୨୩୪)***

ଅଲ୍ଲାଃ ତାଲା ଅନେମା ମାଫି ଅଲ୍ଲାଃ ତାଲା ପ୍ରତ୍ୟେକ ଅହେମଦୀଙ୍କୁ ଶକ୍ତିପ୍ରଦାନ କରନ୍ତୁ କି ସେମାନେ ସେହି ଦିନ ମାନଙ୍କରେ ଦୁଆ କରିବାରେ ଅଧିକରୁ ଅଧିକ ସମୟ ବ୍ୟତିତ କରନ୍ତୁ । ପ୍ରଶାସନର ଆଦେଶ ମୁତାବକ ଅମଲ କରନ୍ତୁ ନିଜ ଘରଗୁଡ଼ିକୁ ସଫାସୁତୁରା ରଖିବା ସହିତ ଝୁଣା ଓ ଅଗରବତୀ ଜଳାନ୍ତୁ ତଥା ଡ଼େଟଲ୍ ଆଦିର ସ୍ପ୍ରେ କରିବା ଉଚିତ ଯାହା କି ସହଜରେ ଉପଲବ୍ଧ ରହିଛି ଅଲ୍ଲାଃ ତାଲା ସମସ୍ତଙ୍କ ଉପରେ କୃପା ଅବତୀର୍ଣ୍ଣ କରନ୍ତୁ ସେ ଯାହା ହେଉ ଏହି ଦିନ ମାନଙ୍କରେ ବିଶେଷ କରି ଦୁଆ କରିବାରେ ମନଯୋଗ କରନ୍ତୁ ଅଲ୍ଲାଃ ତାଲା ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....*

କରିବାବାଲା ବ୍ୟକ୍ତି ବନାଇ ଦିଅନ୍ତୁ । ଆଉ ଗୋଟେ ରିୱାୟତ୍‌ରେ ଶବ୍ଦଟିକେ ଅଧିକା କରି ଆସୁଛି ଯେ, ହେ ଅଲ୍ଲାଃ ମତେ ଏପରି ବନାଇ ଦିଅ ଯେ ମୁଁ ସବୁଠାରୁ ଅଧିକ ତୁମର କୃତଜ୍ଞତା ଜ୍ଞାପନ କରୁଥିବି ଓ ତୁମ ଉପଦେଶଗୁଡ଼ିକର ଅନୁସରଣ କରୁଥିବି ଓ ତୁମ ଉପଦେଶକୁ ମନେ ପକାଉଥିବି । ଦେଖନ୍ତୁ କେଡ଼େ ବିନମ୍ର ସ୍ୱଭାବ ଆପଣ ସ:ଆ:ସଙ୍କର ପୃଥିବୀର ସମସ୍ତଙ୍କଠାରୁ ଅଧିକ କୃତଜ୍ଞତା ଜ୍ଞାପନ କରୁଥିବା ବ୍ୟକ୍ତି ଏ ପ୍ରାର୍ଥନା କରୁଅଛି ଯେ, ମୁଁ ସବୁଠାରୁ ଅଧିକା କୃତଜ୍ଞ ହୁଏ । ଏକଦା ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ରୋଟି ଖଣ୍ଡ ଉପରେ ଖଜୁର ରଖି ଖାଉଥିଲେ ଓ ଏକଥା କହୁଥିଲେ ଯେ, ଏହି ଖଜୁର ହେଉଛି ଏହି ରୋଟି ପାଇଁ ତରକାରୀ ସଦୃଶ । ଏଥିରେ ମଧ୍ୟ ସେ କୃତଜ୍ଞତା ଜ୍ଞାପନ କରୁଥିଲେ ଅଧିକାଂଶ ସମୟ ଏପରି ହେଉଥିଲା ଯେ, ସିର୍କା(ଅର୍ଥାତ ଭିନେଗାର) ସହିତ ବା ପାଣି ସହିତ ରୋଟି ଖାଇଦେଉଥିଲେ ଏଥିରେ ମଧ୍ୟ ଅଲ୍ଲାଃ ତାଲାଙ୍କୁ ଧନ୍ୟବାଦ ଅର୍ପଣ କରୁଥିଲେ । ଆଜିକାଲି ଆମମାନଙ୍କ ମଧ୍ୟରୁ ବହୁତଙ୍କୁ ଉଚ୍ଚକୋଟୀର ଖାଦ୍ୟ ମିଳୁଅଛି ଏହା ସତ୍ୱେ ମଧ୍ୟ ପୁଣି ବହୁତ ନଖରା କରୁଛନ୍ତି । ଘରଗୁଡ଼ିକରେ ଏଥିଯୋଗୁଁ ବିଭ୍ରାଟ ସୃଷ୍ଟି ହେଉଅଛି ଯେ, ପତ୍ନୀ କାହିଁକି ଭଲ ଖାଦ୍ୟ ତିଆରି କଲେ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି ଗୋଟିଏ ବିଶେଷ ଗୁଣ ହେଉଛି ଅମାନତ୍‌ର ସୁରକ୍ଷା କରିବା ଓ ପ୍ରତିଶୃତିକୁ ପାଳନ କରିବା । ଅଲ୍ଲାଃ ତାଲା କହୁଛନ୍ତି ***ୱଲ୍ଲଲଜିନା ହୁମ୍ ଲିଅମାନାତିହିମ୍ ୱ ଅହଦିହିମ୍ ରାଉନ୍*** ଅର୍ଥାତ ଯେଉଁ ଲୋକମାନେ ନିଜ ଅମାନତର ଓ ପ୍ରତିଶୃତି ଗୁଡ଼ିକର ଧ୍ୟାନ ରଖିଥାନ୍ତି । ରିୱାୟତ୍‌ରେ ଆସୁଛି ଯେ, ଯେତେବେଳେ ଇସ୍‌ଲାମୀୟ ସେନା ଖୈବର୍ କିଲାକୁ ଘେରି ନେଲା ସେତେବେଳେ ସେଠିକାରି ଜଣେ ଇହୁଦୀ ସର୍ଦ୍ଦାରଙ୍କ ଚାକର ଯିଏ ପଶୁ ଚରାଇବାବାଲା ଥିଲା, ସେ ସେହି ପଶୁଗୁଡ଼ିକୁ ସାଥିରେ ନେଇ ଇସ୍‌ଲାମୀୟ ସେନା ଥିବା ଇଲାକାକୁ ଆସିଗଲା ଏବଂ ପୁଣି ମୁସଲମାନ ହୋଇଗଲା । ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ କହିଲା ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ତ ଏବେ ମୁସଲମାନ ହୋଇଯାଇଛି ଓ ମୁଁ ଏଠାରୁ ଫେରିଯିବାକୁ ଚାହୁଁନାହିଁ ଯଦି ଏଠାରୁ ଲେଉଟିଯାଏ ତ ମୋ ସହିତ ଅତ୍ୟାଚାର କରାଯିବ । ଏବେ ଯେଉଁ ଛେଳିଗୁଡ଼ିକ ମୋ ନିକଟରେ ଅଛି ସେଗୁଡ଼ିକୁ ମୁଁ କଣ କରିବି ଏହା ତ ଇହୁଦୀଙ୍କ ଛେଳି ଗୋଠ ଓ ଏମାନଙ୍କର ମାଲିକ ହେଉଛନ୍ତି ଇହୁଦୀ ଏକଥା ଶୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ ଏହି ଛେଳି ଗୁଡ଼ିକୁ ସେମାନଙ୍କ କିଲା ଆଡ଼କୁ ମୁହାଁଇଦେଇ ଘଉଡ଼ାଇ ଦିଅ ଏମାନେ ଆପେ ଆପେ ସେମାନଙ୍କ ମାଲିକଙ୍କ ନିକଟକୁ ପଂହଚି ଯିବେ । ସୁତରାଂ ଏହିପରି ହିଁ ହେଲା ଓ କିଲାର ଲୋକମାନେ ସେହି ଛେଳିଗୁଡ଼ିକୁ ନେଇଗଲେ । ଏହା ହେଉଛି ଅମାନତ୍ ଓ ଦିଆନତ୍‌ର ଉଚ୍ଚତମ ଉଦାହରଣ ଯେ, ଯୁଦ୍ଧ ଚାଲିବା ସମୟରେ ମଧ୍ୟ ଶତୃମାନଙ୍କର ସମ୍ପତି ହାତରେ ପଡ଼ିଛି କିନ୍ତୁ ମୁସଲମାନ ହୋଇଥିବା ବ୍ୟକ୍ତିଙ୍କୁ ଆପଣ ସ:ଆ:ସ ପ୍ରଥମ ଶିକ୍ଷା ଏହା ଦେଉଛନ୍ତି ଯେ, ଜଣେ ମୁସଲମାନର ଅମାନତ ଏବଂ ଦିଆନତ୍‌ର ସ୍ତର ବହୁତ ଉଚ୍ଚକୋଟୀର ହେବା ଉଚିତ । ଏହି ମାଲ୍ ଉପରେ ନା ତୁମର କୌଣସି ଅଧିକାର ଅଛି ନା ଆମର ଏଗୁଡ଼ିକୁ ସେମାନଙ୍କ ମାଲିକଙ୍କ ନିକଟକୁ ଫେରାଇଦିଅ । ଆଜିକାଲିର ଏହି ବିକାଶଶୀଳ ସମାଜରେ ଯୁଦ୍ଧ ଲାଗିଥିବା ଅବସ୍ଥାରେ ପୃଥିବୀରେ କେଉଁଠାରେ ମଧ୍ୟ ଆପଣମାନଙ୍କୁ ଏଭଳି ଉଚ୍ଚସ୍ତରର ଉଦାହରଣ ଦେଖିବାକୁ ମିଳିବ ନାହିଁ । ଯେଉଁମାନେ ଇସ୍‌ଲାମ୍ ଉପରେ ଏବଂ ଇସ୍‌ଲାମ୍‌ର ଶିକ୍ଷା ଉପରେ ଆପତି ଅଭିଯୋଗ କରୁଛନ୍ତି ସେହିମାନେ ହିଁ ସବୁଠାରୁ ଅଧିକା ଏହି ଖୟାନତ୍ କାର୍ଯ୍ୟ କରିଥାନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି ଯେଉଁଠି ପ୍ରତିଶୃତି ଓ ସନ୍ଧିର କଥା ଉଠୁଛି ସେଠାରେ ଶତୃମାନେ ମଧ୍ୟ ଏକଥା କହିବାକୁ ବାଧ୍ୟ ହେଉଛନ୍ତି କି ଆପଣ ସ:ଆ:ସ ପ୍ରତିଶୃତିର ପାଳନକାରୀ ଥିଲେ । ହର୍‌କିଲ୍ ସମ୍ରାଟଙ୍କ ଦରବାରରେ ଅବୁ ସୁଫିଆନ୍‌ଙ୍କୁ ଏକଥା ସ୍ୱୀକାର କରିବାକୁ ପଡ଼ିଲା ଯେ, ଆଜି ପର୍ଯ୍ୟନ୍ତ ସେହି ବ୍ୟକ୍ତି (ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସ) ଆମ ସହିତ ବଦ୍ ଅହଦି (ଅର୍ଥାତ ପ୍ରତିଶୃତି ଓ ଚୁକ୍ତି ଭଙ୍ଗ) କରିନାହାନ୍ତି ପୁଣି ସୁଲାହ୍ ହୁଦ୍‌ବିୟା ଠାରେ ଯେତେବେଳେ ଚୁକ୍ତିପତ୍ର ଲେଖାଯାଉଥିଲା ସେତେବେଳେ ଜଣେ ବ୍ୟକ୍ତି ଜଞ୍ଜିର୍‌ରେ ବନ୍ଧା ହୋଇ ଆସି ପହଂଚିଲେ ଯାହାଙ୍କୁ ମୁସଲମାନ ହୋଇଯିବା ଯୋଗୁଁ ଜଞ୍ଜିର୍‌ରେ ବାନ୍ଧି ଦିଆଯାଇଥିଲା । ସେ ଆସି ଶରଣ ଭିକ୍ଷା କରୁଛି କିନ୍ତୁ ତା ବାପା ଯେଉଁ ମୁସଲମାନ ନୁହନ୍ତି, ସେ ସେଠାରେ ଉପସ୍ଥିତ ଅଛନ୍ତି ସେ ଆପଣ ସ:ଆ:ସଙ୍କୁ କହୁଛନ୍ତି ଯେ, ଏବେ ଆମର ତୁମ ସହିତ ସନ୍ଧି ହୋଇସାରିଛି ଯେ, ଆମର କୌଣସି ବ୍ୟକ୍ତି ଆପଣଙ୍କ ସହିତ ଯିବ ନାହିଁ । ସେଥିଯୋଗୁଁ ଆପଣ ତାଙ୍କୁ ନିଜ ସହିତ ନେଇ ଯାଇପାରିବେ ନାହିଁ । ଯଦିଚ ସେ ଆପଣଙ୍କ ନିକଟରେ ଶରଣ ମାଗୁଅଛି । ସେହି ବ୍ୟକ୍ତିଜଣକ ବହୁତ ଚିତ୍କାର କରି କହିଲା ଯେ, କଣ ମତେ କାଫିର୍‌ମାନଙ୍କ ସହିତ ଲେଉଟାଇ ଦିଆଯିବ ଯଦ୍ୱାରା ସେମାନେ ମତେ ଦୁଃଖ କଷ୍ଟ ଦେବେ ଏକଥା ଶୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ ହଁ ଏବେ ଚୁକ୍ତି/ସନ୍ଧି ହୋଇସାରିଛି ଯେବେ କି ସେତେବେଳେ ଚୁକ୍ତିପତ୍ର ଲେଖାଯାଉଥିଲା କେବଳ ସର୍ତାବଳୀ ଲେଖା ସରିଥିଲା କିନ୍ତୁ ଫାଇନାଲ ହୋଇନଥିଲା ସର୍ତାବଳୀ ଗୁଡ଼ିକ ଉପରେ ଦସ୍ତଖତ ହେବା ପୁର୍ବରୁ ହିଁ ଆପଣ ସ:ଆ:ସ କହିଲେ ଯେହେତୁ ଲେଖା ସରିଛି ତେଣୁ ଗୋଟିଏ ବଡ଼ ଉଦ୍ଦେଶ୍ୟ ଖାତିର୍ ଅର୍ଥାତ ଏହି ଚୁକ୍ତିପତ୍ର ଖାତିର୍ ତୁମକୁ ବଳିଦାନ ଦେବାକୁ ପଡ଼ିବ କିନ୍ତୁ ତତ୍‌ସହିତ ସେହି ବ୍ୟକ୍ତି ଜଣକୁ ସୁସମାଚାର ମଧ୍ୟ ଦେଇଦେଲେ । ତୁମେ ଲେଉଟିଯାଅ, ତୁମେ କିଛିଦିନ ଧର୍ଯ୍ୟ ଧର ମୁଁ ତୁମକୁ ସୁସମାଚାର ଦେଉଅଛି ଯେ, ଖୁଦାତାଲା ତୁମପାଇଁ ରାସ୍ତା ବାହାର କରିଦେବେ ଆଜି ମୁଁ ଏହି ଚୁକ୍ତିପତ୍ର ଯୋଗୁଁ ବିବଶ ହୋଇଯାଇଛି । ଆପଣ ସ:ଆ:ସ କହିଲେ ଯେ, ଆମେ ପ୍ରତିଶୃତି ଭଙ୍ଗ କରିନଥାଉଁ । ଏବେ ଦେଖନ୍ତୁ ଆପଣ ସ:ଆ:ସଙ୍କ ପ୍ରତିଶୃତି ଓ ଚୁକ୍ତି ଉପରେ ପାଳନ କରିବାର କେଡ଼େ ଉଚ୍ଚସ୍ତର ଥିଲା । ଆଜିକାଲିର ଏହ ସାଂସାରିକ ସରକାରଗୁଡ଼ିକର ନିକଟରେ ହିଁ ପହଂଚିପାରିବେ ନାହିଁ । ଯଦି ଆଜି କୌଣସି ଚୁକ୍ତି କରାଯାଉଅଛି ତେବେ କାଲି ତାହାକୁ ଭାଙ୍ଗି ଦିଆଯାଉଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ, କିନ୍ତୁ ଆମେମାନେ ନିଜ ନିଜର ସମିକ୍ଷା କରିବା ଉଚିତ ଯେ, ଆମେ ଯେଉଁ ପ୍ରତିଶୃତି ଓ ଚୁକ୍ତି କରିଛେ ତା ଉପରେ କେତେଦୂର ଆମେ ପାଳନ କରୁଛେ । ଆମେ ଆମ ନିତି ଦିନିଆ କାର୍ଯ୍ୟଗୁଡ଼ିକ ଉପରେ ନଜର ରଖିବା ଉଚିତ ନିଜ ପରିବାରରେ ମଧ୍ୟ ଏହାର ଉଦାହରଣ ଦେଖନ୍ତୁ ଯେ, କଣ ଆମେ ସେହି ଚୁକ୍ତି ଓ ପ୍ରତିଶୃତି ଉପରେ ପରିଚାଳିତ ହେଉଅଛେ । ଆଁ ହଜ୍‌ରତ୍ ସ:ଆ:ସ ତ ନିଜ ପାରିବାରିକ ଜିବନରେ ମଧ୍ୟ ପ୍ରତିଶୃତିଗୁଡ଼ିକ ପାଳନ କରିବା ସମ୍ବନ୍ଧରେ କହିଲେ ଯେ, କୟାମତ ଦିନ ସବୁଠାରୁ ବଡ଼ ଖୟାନତ ରୂପେ ତାହା ଗଣା ହେବ ଯେ, ଜଣେ ବ୍ୟକ୍ତି ତା ସ୍ତ୍ରୀଙ୍କ ସହିତ ସମ୍ପର୍କ ସ୍ଥାପନ କରି ପୁଣି ତାଙ୍କ ସ୍ତ୍ରୀଙ୍କ

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

ଲୁକ୍କାୟିତ ଭେଦକୁ ଦୁନିଆ ସମ୍ମୁଖରେ ବର୍ଣ୍ଣନା କରିଚାଲେ । ଆଜିକାଲି ଆମେ ଦେଖୁଅଛେ ଯେ, କେତେକ ଲୋକେ ଏହିଭଳି ନିକୃଷ୍ଟ କାର୍ଯ୍ୟ କରୁଛନ୍ତି । ଲୋକମାନଙ୍କୁ କେବଳ ମୁହଁ ଦ୍ୱାରା ହିଁ ବତାଉନାହାନ୍ତି ବରଂ ସୋସିଆଲ୍ ମିଡ଼ିଆ ଜରିଆରେ ଏକଥାକୁ ପ୍ରଚାର ପ୍ରସାର କରିଚାଲୁଛନ୍ତି । ଏହା ନିଶ୍ଚିତରୂପେ ସବୁଠାରୁ ବଡ଼ କୟାମତ ଓ ଅଲ୍ଲାଃ ତାଲା ଏକଥା କରିବାପାଇଁ ମନା କରିଛନ୍ତି ଏବଂ ଯଦି ସ୍ୱାମୀ ସ୍ତ୍ରୀ ଅଲଗା ମଧ୍ୟ ହୋଇଯାଆନ୍ତି ତେବେ ମଧ୍ୟ ସେମାନଙ୍କ ମଧ୍ୟରୁ କାହାକୁ ଅଧିକାର ନାହିଁ ଯେ ଅନ୍ୟଜଣକର ଗୁପ୍ତ କଥାକୁ ବାହାରେ ପ୍ରକାଶ କରିଦେଉ । ଏହା ହେଉଛି ବହୁତ ବଡ଼ ଖୟାନତ ଓ ଏହାଦ୍ୱାରା ଈଶ୍ୱରଙ୍କ ନିକଟରେ ଦଣ୍ଡିତ ହୋଇଥାଏ ଏବଂ ଏ ସମ୍ବନ୍ଧରେ ଈଶ୍ୱର ମଧ୍ୟ ନିଶ୍ଚିତରୂପେ ହିସାବ ନେବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି ବିନମ୍ରତା ହେଉଛି ବହୁତ ବଡ଼ ସୁଗୁଣ ଏ ସମ୍ବନ୍ଧରେ ଅଲ୍ଲାଃ ତାଲା କହୁଛନ୍ତି ଯେ, ***ଓ୍ୱ ଇବାଦୁର୍ ରହ୍‌ମାନିଲ୍ ଲ୍‌ଜିନା ୟମ୍‌ଶୁନା ଅଲଲ୍‌ଅର୍ଜି ହୌନଉଁ ଓ୍ୱଇଜା ଖାତ୍‌ବହୁମୁଲ୍ ଜାହିଲୁନା କାଲୁ ସଲାମା*** ଅର୍ଥାତ କରୁଣାମୟ ଈଶ୍ୱରଙ୍କ ସଚ୍ଚା ଭକ୍ତ ହେଉଛନ୍ତି ସେମାନେ ଯେଉଁମାନେ ଭୁପୃଷ୍ଟରେ ଆରାମରେ ଚାଲୁଛନ୍ତି ଓ ଯେତେବେଳେ ମୁର୍ଖ ଲୋକମାନେ ସେମାନଙ୍କ ସହିତ ସମ୍ବୋଧନ କରିଥାନ୍ତି ସେତେବେଳେ ସେମାନେ ଝଗଡ଼ା ନ କରି ଏକଥା କହିଥାନ୍ତି ଯେ, ଆମେ ତ ତୁମମାନଙ୍କ ପାଇଁ ଶାନ୍ତି ପାଇବାର ପ୍ରାର୍ଥନା କରୁଅଛୁ ଓ ତା'ପରେ ସେମାନଙ୍କଠାରୁ ଅଲଗା ହୋଇଯାନ୍ତି ବେକାର କଥା କୁହନ୍ତି ନାହିଁ । ଏ ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିଜର ଆଦର୍ଶ କଣ ଥିଲା ? ହଜ୍‌ରତ୍ ଉମର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏହା କହିବାର ଶୁଣିଛି ଯେ, ତୁମମାନେ ମୋର ଅଧିକ ପ୍ରଶଂସା କରନାହିଁ ଯେଉଁଭଳି ଇସାଇମାନେ ଇବ୍‌ନେ ମରିୟମ୍ (ଅର୍ଥାତ ମରିୟମ ପୁତ୍ର ଯିଶୁ)ଙ୍କର ପ୍ରଶଂସା କରୁଛନ୍ତି । ମୁଁ ତ କେବଳ ଅଲ୍ଲାଃ ତାଲାଙ୍କର ଜଣେ ଭକ୍ତ ତେଣୁ ତୁମେମାନେ ମତେ କେବଳ ଅଲ୍ଲାଃଙ୍କ ଭକ୍ତ ଏବଂ ରସୁଲ ହିଁ କୁହ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ଅବସରରେ କହିଲେ ଯେ, ଆମ ନବୀ କରିମ୍ ସ:ଆ:ସଙ୍କଠାରୁ ଅଧିକା ଆଦର୍ଶ ଏ ପୃଥିବୀରେ ଆଉ କାହା ନିକଟରେ ମହ୍‌ଜୁଦ୍ ନାହିଁ ଏବଂ ନା ଆସନ୍ତା କୟାମତ ପର୍ଯ୍ୟନ୍ତ ହୋଇପାରେ । ପୁଣି ଦେଖନ୍ତୁ ଯେ, ତାଙ୍କୁ ଇଚ୍ଛା ମୁତାବକ ଚମତ୍କାର ଦେଖାଇବାର ଅଧିକାର ମିଳିବାରେ ମଧ୍ୟ ସେ ସର୍ବଦା ଭକ୍ତ ହୋଇ ରହିବାପାଇଁ ଚାହିଁଛନ୍ତି ଏବଂ ବାରମ୍ବାର ***ଇନ୍ନମା ଆନା ବଶରୁମ୍ ମିଶିଲୁକୁମ୍*** ହିଁ କହୁଥିଲେ ଅର୍ଥାତ ମୁଁ ତ କେବଳ ଜଣେ ତୁମ ପରି ସାଧାରଣ ମାନବ । ଏପରି କି କଲ୍‌ମାଏତୌହିଦ୍ ରେ ନିଜକୁ ଜଣେ ଭକ୍ତ ହେବାର ସ୍ୱୀକାରୋକ୍ତି ରୂପେ ଅଭିହିତ କରିଛନ୍ତି ଯାହାବିନା ଜଣେ ମୁସଲମାନ ମୁସଲମାନ ହିଁ ବୋଲାଇ ପାରେ ନାହିଁ । ପାରିବାରିକ ଜିବନରେ ମଧ୍ୟ ଆପଣ ସ:ଆ:ସଙ୍କ ବିନମ୍ର ସ୍ୱଭାବ ଓ ଘରର ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିବାର ଅବସ୍ଥା ଏପରି ଥିଲା ଯେ, ହଜ୍‌ରତ୍ ଆଇଶା ର:ଅ କହୁଛନ୍ତି କି, ରସୁଲେ କରିମ୍ ସ:ଆ:ସ ନିଜ ଘରର ଲୋକମାନଙ୍କ ସହିତ ଘର କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ଆପଣ ସ:ଆ:ସ ନିଜ ବସ୍ତ୍ରକୁ ନିଜେ ଧୋଉଥିଲେ ଘରେ ଝାଡୁ ମଧ୍ୟ ଲଗାଉଥିଲେ ନିଜେ ଓଟୋ ବାନ୍ଧୁଥିଲେ ପାଣି ବୁହାଇ ଆଣୁଥିବା ପଶୁମାନଙ୍କୁ ନିଜେ ଚାରା ଦେଉଥିଲେ ଛେଳିକୁ ନିଜେ ହିଁ ଦୁହିଁ ଦେଉଥିଲେ । ନିଜ କାମଗୁଡ଼ିକ ମଧ୍ୟ ନିଜେ କରିନେଉଥିଲେ ନିଜ ସେବକଙ୍କ ଜରିଆରେ ଯଦି କୌଣସି କାମ ଆଦାୟ କରୁଥିଲେ ତେବେ ସେଥିରେ ମଧ୍ୟ ତାକୁ ସାହାଯ୍ୟ କରୁଥିଲେ । ଏପରି କି ନିଜ ସେବକଙ୍କ ସହିତ ମିଶି ଅଟା ମଧ୍ୟ ଚକଟି ଦେଉଥିଲେ । ବଜାରରୁ ନିଜ ସାମାନ ନିଜେ ଉଠାଇ ଆଣୁଥିଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ ସୁତରାଂ ତୁମେମାନେ ତୁମେ ସିଧା ହୋଇଯାଅ ଓ ସିଧା ହୋଇଯାଅ ଏବଂ ଶରିୟତ ର ନିକଟରେ ରୁହ । ସକାଳ, ସଂଧ୍ୟା ଓ ରାତିରେ ଉପାସନା କର ଏବଂ ମଧ୍ୟମ ମାର୍ଗକୁ ଗ୍ରହଣ କର ଏହା ଦ୍ୱାରା ତୁମେ ନିଜର ଉଦ୍ଦେଶ୍ୟକୁ ପାଇପାରିବ । ସାଂସାରିକ ମାୟା ମୋହରେ ଲିପ୍ତ ହୋଇନଯାଅ ଏହି ସଂସାରରେ ବୈଧ କାର୍ଯ୍ୟ ଗୁଡ଼ିକ ଯାହାକୁ ଅଲ୍ଲାଃ ତାଲା କରିବାପାଇଁ ଅନୁମତି ଦେଇଛନ୍ତି ତାହା କର କିନ୍ତୁ ମଧ୍ୟମ ମାର୍ଗ ହେବା ଉଚିତ । ଈଶ୍ୱରଙ୍କୁ ଭୁଲି ନ ଯାଅ । ଯେଉଁଠି ଅଲ୍ଲାଃ ତାଲାଙ୍କ ଇବାଦତ୍ ର ହକ୍ ପ୍ରଦାନ କରିବାକୁ ଅଛି ସେଠାରେ ତା ପ୍ରତି ଧ୍ୟାନ ଦିଅ । ସେହିପରି ଯେଉଁ କାରବାର ରହିଛି ସେଗୁଡ଼ିକ ମଧ୍ୟ ସମ୍ପାଦନ କର କିନ୍ତୁ ଏହି ସାଂସାରିକ କାର୍ଯ୍ୟ ଖୁଦାତାଲାଙ୍କ ଅଧିକାର ର ମୁକାବିଲାରେ ଆସିବା ଉଚିତ ନୁହେଁ । ଧର୍ମ ସର୍ବଦା ସଂସାର ଉପରେ ରହିବା ଉଚିତ । ଯେତେବେଳେ ଏହା ସବୁକିଛି ହେବ ଆପଣ ସ:ଆ:ସ କହିଲେ ଯେ, ସେତେବେଳେ ତୁମେମାନଙ୍କୁ ତୁମର ଉଦ୍ଦେଶ୍ୟ ମିଳିଯିବ । ଅଲ୍ଲାଃ ତାଲାଙ୍କ କରୁଣା ତୁମକୁ ମିଳିଯିବ । କୃପା ମିଳିଯିବ । ସୁତରାଂ ଯେଉଁଠି ଏହି କଥାରୁ ଆଁ ହଜ୍‌ରତ୍ ସ:ଆ:ସଙ୍କର ବିନମ୍ର ସ୍ୱଭାବ ପ୍ରକାଶ ହେଉଅଛି ସେଠାରେ ଅଲ୍ଲାଃ ତାଲାଙ୍କ ପ୍ରତି ଭୟ ଭାବ ମଧ୍ୟ ପ୍ରକାଶ ହେଉଅଛି । ପୁଣି ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି ଯେ, ଯଦି ମୋର ଏଭଳି ଅବସ୍ଥା ତେବେ ତୁମମାନଙ୍କୁ ଖୁଦାତାଲାଙ୍କୁ ପ୍ରସନ୍ନ କରିବାପାଇଁ ଓ ତା'ର କରୁଣା ଲାଭ କରିବାପାଇଁ କେଉଁଭଳି ଚିନ୍ତା କରିବା ଉଚିତ । ଅଲ୍ଲାଃ ତାଲାଙ୍କର କରୁଣା ଓ ତାହାଙ୍କ କୃପା ହିଁ ଅଲ୍ଲାଃ ତାଲାଙ୍କର ପୁରସ୍କାରର ଉତରାଧିକାରୀ ବନାଇ ଦିଏ ଓ ଆମେ ଏକଥା ଜାଣିନାହୁଁ ଯେ ଆମକୁ କେଉଁ ମାଧ୍ୟମରେ ଗ୍ରହଣ କରାଯିବ । ତେଣୁ ଏହି କରୁଣା ଓ କୃପାକୁ ହାସଲ କରିବାପାଇଁ ହେଲେ ନିଜ ଉପାସନା ଓ ଉଚ୍ଚ ଚରିତ୍ର ପ୍ରତି ଆମକୁ ଧ୍ୟାନ ଦେବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚରିତ୍ର ସମ୍ବନ୍ଧରେ ଚର୍ଚ୍ଚା କରି କହୁଛନ୍ତି ଯେ, ହଁ ଯେଉଁ ସୁଚରିତ୍ର ହଜ୍‌ରତ୍ ଖାତ୍‌ମୁନ୍ ଅମ୍ବିୟା ସ:ଆ:ସଙ୍କର ପବିତ୍ର କୋରାନ୍‌ରେ ଉଲ୍ଲେଖ ଅଛି ତାହା ହଜ୍‌ରତ୍ ମୁସାଙ୍କଠାରୁ ହଜାରେ ଗୁଣା ଅଧିକା କାରଣ ଅଲ୍ଲାଃ ତାଲା ଏକଥା କହିଛନ୍ତି ଯେ, ହଜ୍‌ରତ୍ ଖାତମୁଲ୍ ଅମ୍ବିୟା ସ:ଆ:ସ ସେହି ସମସ୍ତ ସୁଗୁଣର ସମାହାର ଅଟନ୍ତି ଯାହା ସବୁ ନବୀମାନଙ୍କଠାରେ ଅଲଗା ଅଲଗା ମିଳୁଥିଲା ଏବଂ ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ସପକ୍ଷରେ କହିଲେ ***ଓ୍ୱ ଇନ୍ନକା ଲାଅଲା ଖୁଲ୍‌କିନ୍ ଅଜିମ୍*** ଅର୍ଥାତ ତୁମେ ଏକ ମହାନ୍ ଚରିତ୍ରରେ ଅଧିଷ୍ଠିତ ଏବଂ ଅଜିମ୍ ଶବ୍ଦ ସହିତ ଯେଉଁ ବସ୍ତୁର ପ୍ରଶଂସା କରାଯାଏ ତାହା ଆରବ ଦେଶର ଭାଷା ସଂସ୍କୃତି ମୁତାବକ ସେହି ବସ୍ତୁର ପୁର୍ନତା ପ୍ରତି ଇଙ୍ଗିତ ହୋଇଥାଏ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯଦି ଏହି ମହାନ୍ ନବୀ ସ:ଆ:ସ ଏ ପୃଥିବୀକୁ ଆସିନଥାନ୍ତେ ତେବେ ପୁଣି ଯେତେକ ଛୋଟ ଛୋଟ ନବୀ ଏ ପୃଥିବୀରେ ଆସିଛନ୍ତି ଉଦାହରଣ ସ୍ୱରୁପ ୟୁନୁସ୍, ଅୟୁବ୍, ମସିହି ଇବ୍‌ନେ ମରିୟମ, ମଲାକି, ୟହୟା, ଜକ୍‌ରିଆ ଇତ୍ୟାଦି ନବୀମାନଙ୍କ ସତ୍ୟତା ଉପରେ ଆମ ନିକଟରେ କୌଣସି ମଧ୍ୟ ଦଲିଲ ନଥିଲା ଯଦିଚ ସମସ୍ତେ ଈଶ୍ୱରଙ୍କ ନିକଟତର ପବିତ୍ର ଓ ଖୁଦାତାଲାଙ୍କ ପ୍ରୀୟତମ ଥିଲେ । ଏହା ସେହି ନବୀ ସ:ଆ:ସଙ୍କ ଅନୁଗ୍ରହ ଯେ, ଏହି ଲୋକମାନେ ମଧ୍ୟ ପୃଥିବୀରେ ସତ୍ୟବାଦୀ ବୋଲି ବିବେଚିତ ହେଲେ ।

ଶେଷରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଈଶ୍ୱର ଆମ ସମସ୍ତଙ୍କୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେ ଏହି ପୂର୍ଣ୍ଣ ନବୀଙ୍କ ଉମତ୍‌ରେ ଆସିବାର ହକ୍ ପ୍ରଦାନ କରିବାବାଲା ହେଉ । ଏବଂ ଏହି ସୁନ୍ଦର ଓ ଉଜ୍ଜଳମୟ ଚେହେରାକୁ ଦୁନିଆର ସମ୍ମୁଖରେ ଉପସ୍ଥାପନ କରି ଦୁନିଆର ଅନ୍ଧକାରକୁ ଦୁର କରିବାବାଲା ହେଉ ଅଲ୍ଲାଃ ତାଲା ଆମକୁ ଏହା କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଜଲ୍‌ସା ସାଲାନା ଜର୍ମାନିର ଉଦ୍‌ଯାପନୀ ଅଭିଭାଷଣ ପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ । ତା'ପରେ ଜଲ୍‌ସା ସାଲାନାର ଉପସ୍ଥାନ ବିଷୟରେ ଘୋଷଣା କରି କହିଲେ ଏ ବର୍ଷ ଜଲ୍‌ସା ସାଲାନାର ମୋଟ ଉପସ୍ଥାନ ୪୨୭୨୯ ସେଥିମଧ୍ୟରୁ ମହିଳାମାନଙ୍କ ଉପସ୍ଥାନ ୨୦୯୨୪ ଏବଂ ପୁରୁଷମାନଙ୍କର ଉପସ୍ଥାନ ୨୦୭୦୬ ଏତଦ୍‌ବ୍ୟତିତ ଯେଉଁ ତବ୍‌ଲିଗ୍ ଅତିଥିମାନେ ସାମିଲ ହୋଇଛନ୍ତି ସେମାନଙ୍କର ସଂଖ୍ୟା ହେଉଛି ୧୦୯୯ ।

ଏହି ଜଲ୍‌ସା ସାଲାନାରେ ୧୦୨ଦେଶରୁ ପ୍ରତିନିଧିତ୍ୱ ହୋଇଛି ଏବଂ ୪୦୨୫ ଅତିଥି ବିଭିନ୍ନ ଦେଶରୁ ଆସି ଜଲ୍‌ସା ସାଲାନା ଜର୍ମାନିରେ ସାମିଲ ହୋଇଛନ୍ତି । ହଜୁର ଅନଓ୍ୱର ଅ:ବ:ଅ ଏହି ଅବସରରେ ଜଲ୍‌ସା ସାଲାନା କାନାଡ଼ାର ମଧ୍ୟ ଚର୍ଚ୍ଚା କରିଲେ ଏବଂ ଉପସ୍ଥାନ ସମ୍ବନ୍ଧରେ ଚର୍ଚ୍ଚା କରି କହିଲେ ଯେ, ଜଲ୍‌ସା ସାଲାନା କାନାଡ଼ାର ଉପସ୍ଥାନ ୧୮୫୭୨ ଏବଂ ୨୭ଟି ଦେଶରୁ ପ୍ରତିନିଧି ମଣ୍ଡଳ ଆସିଥିଲେ । ଏହାପରେ ପ୍ରୋଗ୍ରାମ ମୁତାବକ ଦଳ ଦଳ ହୋଇ ପିଲାମାନେ ପ୍ରାର୍ଥନା ମୁଳକ ନଜମ୍ ଏବଂ ତରାନା ଉପସ୍ଥାପନ କଲେ । ସର୍ବପ୍ରଥମେ ଜର୍ମାନି ଭାଷାରେ ଗୋଟିଏ ଗ୍ରୁପ ପ୍ରାର୍ଥନାମୁଳକ ନଜମ୍ ପେଶ୍ କଲେ । ଏହାପରେ ଆଫ୍ରିକା ଲୋକମାନଙ୍କ ଗୋଟିଏ ଗ୍ରୁପ ନିଜର ବିଶେଷ ଶୈଳୀରେ ନିଜର ପ୍ରୋଗ୍ରାମ ପେଶ୍ କଲା । ଏହାପରେ ଆରବୀୟମାନଙ୍କର ଗୋଟିଏ ଗ୍ରୁପ୍ କସିଦା ପାଠ କଲା । ତା'ପରେ ଯାମିୟା ଅହମଦିୟା ଜର୍ମାନିର ଛାତ୍ରମାନେ ଉର୍ଦ୍ଦୁ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ଭାଷାରେ ପ୍ରାର୍ଥନାମୁଳକ ନଜମ୍ ଉପସ୍ଥାପନ କଲେ । ତା'ପରେ ସ୍ୱାନିଷ ଭାଷାରେ ଗୋଟିଏ ପ୍ରାର୍ଥନାମୁଳକ ନଜମ୍ ଉପସ୍ଥାପନ କରାଗଲା । ଏହାପରେ ମାସିଡ଼ୋନିଆ ଦେଶରୁ ଆସିଥିବା ଅହେମଦୀମାନେ ମେସିଡ଼ୋନିଆନ୍ ଭାଷାରେ ବହୁତ ସୁନ୍ଦର ସ୍ୱରରେ ନିଜର ତରାନା ପେଶ୍ କଲେ ଏହାପରେ ଅଲ୍‌ବାନିୟନ୍ ଭାଷାରେ ପ୍ରାର୍ଥନାମୂଳକ ନଜମ୍ ପେଶ୍ କରାଗଲା । ଶେଷରେ ଖୁଦାମ୍ ପିଲାମାନେ ଉର୍ଦ୍ଦୁ ଭାଷାରେ ପ୍ରାର୍ଥନା ମୁଳକ ନଜମ୍ ଉପସ୍ଥାପନ କଲେ । ଯେବେ ଏହି ତରାନା ଓ ନଜମ୍ ଗୁଡ଼ିକ ଉପସ୍ଥାପନ କରାଯାଉଥିଲା ସେତେବେଳେ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ଅନୁଭବ ହେଉଥିଲା । ଯେଉଁ କ୍ଷଣି ଏହି ପ୍ରୋଗ୍ରାମର ପରିସମାପ୍ତି ଘଟିଲା ଯମାତ୍‌ର ଲୋକମାନେ ବହୁତ ଉତ୍ସାହର ସହିତ ନାରାବାଜି (ସ୍ଲୋଗାନ) ଦେଲେ ଏବଂ ଏହି ପରିବେଶଟି ସ୍ଲୋଗାନ୍‌ର ଆବାଜ୍‌ରେ ଗୁଞ୍ଜି ଉଠିଲା । ପ୍ରତ୍ୟେକ ଛୋ. ବଡ଼, ଯୁବକ ଓ ବୁଢ଼ା ନିଜ ପ୍ରୀୟ ଆକାଙ୍କ ନିକଟରେ ନିଜର ପ୍ରେମ, ଆସ୍ଥା ଏବଂ ଉତ୍ସର୍ଗୀକୃତ ମନୋଭାବକୁ ବହୁତ ଉତ୍ସାହର ସହିତ ପ୍ରକାଶ କରୁଥିଲେ । ଏହି ଜଲ୍‌ସାର ପରିସମାପ୍ତି ହେବାର କ୍ଷଣ ଗୁଡ଼ିକ ପ୍ରେମ ଓ ବଳିଦାନର ମନୋଭାବରେ ଭରି ରହିଥିଲା । ଏହି ପରିବେଶରେ ହଜୁର ଅନଓ୍ୱର ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ନିଜ ପ୍ରେମିମାନଙ୍କୁ ଅସ୍‌ସଲାମୁ ଆଲୈକୁମ୍ ଏବଂ ଖୁଦାହାଫିଜ୍ କହିଲେ ଏବଂ ସ୍ଲୋଗାନ୍‌ର ଗୁଞ୍ଜନ ସହିତ ଜଲ୍‌ସାଗାଃ ରୁ ବାହାରକୁ ବାହାରିଲେ ଓ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ନୌମୁବାଇୟତ ମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ୭:୨୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ଆସିଲେ ଓ ବିଭିନ୍ନ ଦେଶରୁ ଆସିଥିବା ନୌମୁବାଇୟାତ ଅର୍ଥାତ ନୁଆ ଅହେମଦୀ ମହିଳାମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏମାନଙ୍କର ସଂଖ୍ୟା ୨୧ ଥିଲା ଓ ୬ଜଣ ପିଲା ସେମାନଙ୍କ ସହିତ ସାମିଲ ଥିଲେ । ଏହି ମହିଳାମାନଙ୍କର ସମ୍ବନ୍ଧ ଜର୍ମାନୀ, ପାକିସ୍ତାନ, ପାଲେଷ୍ଟାଇନ୍, ଅଷ୍ଟ୍ରିୟା, ଆଫଗାନିସ୍ତାନ, ଇଷ୍ଟୋନିଆ ଏବଂ ସିରିଆ ଦେଶ ସହିତ ଥିଲା । ସେମାନଙ୍କ ମଧ୍ୟରେ ସାତ ଜଣ ମହିଳା ଆଜି ବୟତ କରିବାର ସୌଭାଗ୍ୟ ପାଇଥିଲେ ।

ଜଣେ ମହିଳା ଜଲ୍‌ସା ସାଲାନାର ଶୁଭେଚ୍ଛା ଦେଲେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣଙ୍କୁ ମଧ୍ୟ ଜଲ୍‌ସା ସାଲାନାର ଶୁଭେଚ୍ଛା ।

ହଜୁର ଅନଓ୍ୱର ଅ:ବ:ଅ ଏକଥା ପଚାରି ବୁଝିଲେ ଯେ, କଣ ଏହି ସମସ୍ତ ନୁଆ ଅହେମଦୀ ମହିଳାମାନେ ବହୁଦିନ ହେବ ଅହେମଦୀୟତ ଗ୍ରହଣ କରିଛନ୍ତି । ଏଥିରେ ଆଡ଼ିସନାଲ୍ ସେକ୍ରେଟରୀ ତର୍‌ବିୟତ୍ ବରାଏ ନୌମୁବାଇୟାତ କହିଲେ ଯେ, ଅଧିକାଂଶ ଏହି ବର୍ଷର ଅହେମଦୀ ଅଟନ୍ତି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ଜଣେ ମହିଳା କହିଲେ କି, ସେ ପାଲେଷ୍ଟାଇନ୍ ରୁ ଆସିଛନ୍ତି ଓ ତାଙ୍କୁ ଇଂରାଜୀ ଭାଷା ଭଲଭାବେ ଆସେନାହିଁ କିନ୍ତୁ ତାଙ୍କ ସହିତ ତାଙ୍କ ଭଉଣୀ ଯିଏ ଇଷ୍ଟୋନିୟା ରୁ ଆସିଛନ୍ତି ସେ ତାଙ୍କ ସହିତ ଅନୁବାଦ କରିବାପାଇଁ ଉପସ୍ଥିତ ଅଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ଜଣେ ଲଜ୍‌ନା ସଦସ୍ୟ କହିଲେ ଯେ, ତାଙ୍କ ବୟସ ହେଉଛି ୧୮ ଓ ସେ ଆଜି ହିଁ ବୟତ କରିଛନ୍ତି ତାଙ୍କ ମାଆ ଓ ଆଈ କିଛି ଦିନ ପୂର୍ବେ ବୟତ କରିଥିଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ଆପଣଙ୍କ ସହିତ ଅଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ଆଉ ଜଣେ ନୁଆ ଅହେମଦୀ ମହିଳାଙ୍କୁ ପଚାରିଲେ ଯେ, କଣ ସେ ଜର୍ମାନିରେ ରହୁଛନ୍ତି, ଏଥିରେ ସେ କହିଲେ କି, ସେ ଏକବର୍ଷ ଆଠମାସ ପୂର୍ବେ ଜର୍ମାନି ଆସିଥିଲେ ଓ ଏବେ ଫ୍ରାଙ୍କଫ୍ରଟ ସହରରେ ରହୁଛନ୍ତି । ସେ ନିଜର ଅଣ ଅହେମଦୀ ସ୍ୱାମୀଙ୍କ ପାଇଁ ଦୁଆ କରିବା ନିମନ୍ତେ ଦରଖାସ୍ତ କରି ବତାଇଲେ ଯେ, ସେ ତାଙ୍କ ବିନା ଅନୁମତିରେ ଆସି ଜଲ୍‌ସାରେ ସାମିଲ ହୋଇଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଦୁଆ କରନ୍ତୁ ଧୈର୍ଯ୍ୟ ରଖନ୍ତୁ ଅଲ୍ଲାଃ କୃପା କରିବେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ନୌମୁବାଇୟାତ ଜଣେ ନୌମୁବାଏଙ୍କ ସମ୍ବନ୍ଧରେ ବତାଇଲେ ଯେ, ତାଙ୍କ ବୟସ ହେଉଛି ୧୯ ଏବଂ ସେ ତାଙ୍କ ମାଆ ବାପାଙ୍କ ବିନା ଅନୁମତିରେ ବୟତ କରିଛନ୍ତି ଓ ସେ ନିଜ ମାଆ ବାପାଙ୍କ ସହିତ ରହୁନାହାନ୍ତି । ବର୍ତମାନ ସେ ପ୍ରାକ୍ଟିକାଲ୍ ଟ୍ରେନିଙ୍ଗ ହାସଲ କରୁଛନ୍ତି ।

ଇଷ୍ଟୋନିଆ ସହିତ ସମ୍ବନ୍ଧ ରଖିଥିବା ଜଣେ ମହିଳା କହିଲେ ଯେ, ହଜୁର ମୋ ଛୋଟପିଲାଟିକୁ ସ୍ନେହ ଦିଅନ୍ତୁ ଏଥିରେ ହଜୁର ଅନଓ୍ୱର ଅ:ବ:ଅ ଅତ୍ୟନ୍ତ ସ୍ନେହର ସହିତ ସେହି ସୌଭାଗ୍ୟଶାଳି ପିଲାଟିକୁ ନିଜ କୋଳରେ ଧରି ନେଲେ ଓ ଚକୋଲେଟ ମଧ୍ୟ ପ୍ରଦାନ କଲେ ଏବଂ ଅନ୍ୟ ପିଲାମାନଙ୍କୁ ମଧ୍ୟ ଅତ୍ୟନ୍ତ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ ।

ଜଣେ ନୌମୁବାଏ ମହିଳା ତାଙ୍କ ପିଲା ପାଇଁ ଯିଏ ସେଠାରେ ଉପସ୍ଥିତ ନଥିଲା ଚକୋଲେଟ ନିମନ୍ତେ ନିବେଦନ କଲେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ମଧ୍ୟ ଚକୋଲେଟ ପ୍ରଦାନ କଲେ ।

ଆଉ ଜଣେ ନୁଆ ଅହେମଦୀ ମହିଳା ଯିଏ ଇକୋନମିକ୍ସର ଶିକ୍ଷା ହାସଲ କରୁଛନ୍ତି ସେ ଆହୁରି ଉଚ୍ଚ ଶିକ୍ଷା ହାସଲ କରିବାପାଇଁ ହଜୁରଙ୍କ ନିକଟରେ ମାର୍ଗଦର୍ଶନ ଚାହିଁଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣଙ୍କ ପାଇଁ ଯାହା ସହଜ ହେବ ଆପଣ ସେହି ଲାଇନରେ ଯାଇପାରନ୍ତି ।

ଜଣେ ଅଣଅହେମଦୀ ମହିଳାଙ୍କ ପ୍ରଶ୍ନ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଉପସ୍ଥାପନ ହେଲା ଯେ, ସେ ସିରିଆ ଦେଶ ସହିତ ସମ୍ବନ୍ଧ ରଖିଥିବା ଜଣେ ଅହେମଦୀଙ୍କ ସହିତ ନିଜ ଝିଅକୁ ବିବାହ ଦେବାପାଇଁ ଚାହୁଁଛନ୍ତି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଦୁଆ କରି ଏ କାର୍ଯ୍ୟ କରନ୍ତୁ ଯେତେବେଳେ ବନ୍ଧୁ ବିଷୟରେ ବାର୍ତାଳାପ ହେବ ସେତେବେଳେ ହିଁ ମୁଁ ଏହାର ଉତର ଦେବି । ଏବେ ତ ପ୍ରପୋଜାଲ୍ ହିଁ ଆସିନାହିଁ ।

ପାକିସ୍ତାନ ସହିତ ସମ୍ବନ୍ଧ ରଖିଥିବା ଜଣେ ମହିଳା କହିଲେ ଯେ, ସେ କିଛି ଦିନ ପୂର୍ବରୁ ବୟତ କରିଛନ୍ତି ତାଙ୍କର ୫ଟି ପିଲା ଅଛନ୍ତି ତାଙ୍କ ସ୍ୱାମୀ ପୂର୍ବରୁ ଅହେମଦୀ ଅଛନ୍ତି ସେ ନିଜ ସ୍ୱାମୀଙ୍କ ସ୍ୱାସ୍ଥ୍ୟପାଇଁ ଦୁଆ କରିବାକୁ ନିବେଦନ କଲେ ।

ରାଉଲପିଣ୍ଡି ପାକିସ୍ତାନ ସହିତ ସମ୍ବନ୍ଧ ରଖିଥିବା ଜଣେ ମହିଳା କହିଲେ ଯେ, ୧୫ବର୍ଷ ପୂର୍ବେ ପାକିସ୍ତାନରେ ତାଙ୍କର ବୟତ ହୋଇପାରିନଥିଲା ସେତେବେଳେ ତାଙ୍କୁ ଏ ପରାମର୍ଶ ଦିଆଯାଇଥିଲା ଯେ, ସେ ତାଙ୍କ ଶିକ୍ଷାକୁ ଜାରି ରଖନ୍ତୁ ସୁତରାଂ ସେ ବହୁତ ପରିଶ୍ରମ କଲେ ଓ ଟେକ୍ନୋଲଜି କ୍ଷେତ୍ରରେ ସ୍ୱର୍ଣ୍ଣପଦକ ପାଇବାର ହକ୍‌ଦାର ହେଲେ । ଶିକ୍ଷାକ୍ଷେତ୍ରରେ ସ୍ୱତନ୍ତ୍ର ସଫଳତା ପାଇଥିବା ଯୋଗୁଁ ସେ ଗୋଟିଏ ଦିନ ପୂର୍ବେ ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ଆଓ୍ୱାର୍ଡ଼ ହାସଲ କରିଛନ୍ତି । ସେହି ମହିଳାଜଣକ ନିଜ ମାଆବାପାଙ୍କ ଅହେମଦୀୟତ ଗ୍ରହଣ କରିବାପାଇଁ ଦୁଆ କରିବାକୁ ଦରଖାସ୍ତ କଲେ ।

ଆଉଜଣେ ମହିଳା ପ୍ରଶ୍ନ କଲେ ଯେ, ଏପରି କୌଣସି ଅମଲ ବତାନ୍ତୁ ଯାହା ମନକୁ ମାରିଦେବ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ପାଂଚବେଳା ନମାଜ ପଢ଼ । ଅଲ୍ଲାଃ ଓ ତାହାଙ୍କ ରସୁଲ୍ ସ:ଆ:ସ ଯେଉଁ କଥା ବତାଇଛନ୍ତି ତାହା ଉପରେ ପରିଚାଳିତ ହୁଅ ।

ଆଉ ଜଣେ ମହିଳା କହିଲେ ଯେ, ସେ ଜର୍ମାନିରୁ ଆସିଛନ୍ତି ଓ ମୁଳତଃ ସେ ଆଫଗାନିସ୍ତାନର । ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ଖୁତ୍‌ବାକୁ ନିୟମିତ ଶୁଣୁଛନ୍ତି । ସେ ନିଜର ଗୋଟିଏ ସ୍ୱପ୍ନ ବିଷୟରେ ଚର୍ଚ୍ଚା କରି କହିଲେ ଯେ, ସେ ସ୍ୱପ୍ନରେ ଦେଖିଛନ୍ତି କି ସେ ଜଲ୍‌ସାରେ ଯୋଗଦେବା ପାଇଁ ନିଜ ପରିବାର ସହିତ ଯାତ୍ରା କରୁଛନ୍ତି କିନ୍ତୁ ସେ ଏକୁଟିଆ ହିଁ ଜଲ୍‌ସାରେ ପହଂଚିଛନ୍ତି ଓ ରାସ୍ତାରେ ତାଙ୍କ ଫ୍ୟାମିଲିର ଦୁର୍ଘଟଣା ହୋଇଯାଇଛି । ଏହା ଶୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ସଦ୍‌କା ଦିଅ ଏବଂ ଦୁଆ କର ।

ଆରବ ଦେଶ ସହିତ ସମ୍ପର୍କ ରଖିଥିବା ଜଣେ ମହିଳା ନିଜ ସ୍ୱପ୍ନ ସମ୍ବନ୍ଧରେ ଚର୍ଚ୍ଚା କରି କହିଲେ ଯେ, ସେ ନିଜର ମୁଣ୍ଡକୁ ହଜୁର ଅନଓ୍ୱର ଅ:ବ:ଅଙ୍କ କୋଳରେ ରଖିଦେଇଛନ୍ତି ଓ ଗୋଡ଼କୁ ଧରିଛନ୍ତି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ସେମାନଙ୍କୁ ଦୀନ୍ ପ୍ରତି ଧ୍ୟାନ ଦେବା ଉଚିତ । ହଜୁର ଅନଓ୍ୱର ଅ:ବ:ଅ ତାଙ୍କ ବିବାହ ବିଷୟରେ ପଚାରିବାରୁ ସେ କହିଲେ ଯେ, ତାଙ୍କର ତଲାକ୍ ହୋଇସାରିଛି ଓ ତାଙ୍କର ଜଣେ ପୁତ୍ର ସନ୍ତାନ ମଧ୍ୟ ଅଛନ୍ତି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହାର ଅର୍ଥ ହେଉଛି ଅଲ୍ଲାଃ ତା ପାଇଁ କିଛି ଭଲ କରିବେ । ଅଲ୍ଲାଃ ସେମାନଙ୍କ ପାଇଁ ଉତମ ବ୍ୟବସ୍ଥା କରନ୍ତୁ । ତାଙ୍କୁ ଦୀନ୍ ପ୍ରତି ତହ୍‌ଯୁଦ୍ ଏବଂ ନମାଜ ପଢ଼ିବାପ୍ରତି ଧ୍ୟାନ ଆକର୍ଷଣ କରନ୍ତୁ ଅଲ୍ଲାଃ ତାଲା ଆପଣଙ୍କ ପାଇଁ ସବୁକିଛି ସହଜ କରିଦିଅନ୍ତୁ ।

ଅଷ୍ଟ୍ରିୟା ଦେଶରୁ ଆସିଥିବା ଜଣେ ମହିଳା କହିଲେ ଯେ, ସେ କେଉଁଭଳି ଯମାତ୍‌ର ସେବା କରିପାରିବେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ କହିଲେ ଅଷ୍ଟ୍ରିୟାର ସଦର ଲଜ୍‌ନା ଏବଂ ମୁବ୍‌ଲିଗ୍ ଇନ୍‌ଚାର୍ଜଙ୍କ ସହିତ ଯୋଗାଯୋଗ ରଖନ୍ତୁ ।

⌘⌘⌘⌘⌘⌘⌘⌘⌘⌘

| **ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ** | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ<br>*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

| **ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ** | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''<br>*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

## ସଦକତୁଲ୍ ଫିତର୍ ପଇଠ କରିବା

ଅଲହମ୍‌ଦୁ ଲିଲ୍ଲାଃ ପବିତ୍ର ରମ୍‌ଜାନ୍ ମାସ ଏପ୍ରିଲ୍‌ର ଶେଷ ଭାଗରେ ଆରମ୍ଭ ହେଉଅଛି । ଇସ୍‌ଲାମ୍‌ର ଫିତ୍‌ରାନା ପଇଠ କରିବା ପାଇଁ ଏକ ସାଆ ଶସ୍ୟ (ଯାହା ଊଣା ଅଧିକେ ୨ କିଲୋ ୭୫୦ ଗ୍ରାମ ସହିତ ସମାନ ହୋଇଥାଏ) ର ଶରହ୍ (ମାପ) ଧାର୍ଯ୍ୟ କରାଯାଇଅଛି । ଯମାତ୍‌ର ସଦସ୍ୟମାନେ ସମ୍ପୂର୍ଣ୍ଣ ଶରହ୍ ଅନୁସାରେ ପବିତ୍ର ରମ୍‌ଜାନ୍ ମାସର ପ୍ରଥମ ବା ଦ୍ୱିତୀୟ ଦଶକ ମଧ୍ୟରେ ସଦକତୁଲ୍ ଫିତର୍ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ । ଯେହେତୁ ଭାରତର ପ୍ରତ୍ୟେକ ରାଜ୍ୟର ଶସ୍ୟ (ଗହମ, ଚାଉଳ)ର ମୂଲ୍ୟ ଅଲଗା ଅଲଗା ରହିଥାଏ ସେଥିଯୋଗୁଁ ନିଜ ସ୍ଥାନୀୟ ମୂଲ୍ୟ ଅନୁସାରେ ଧାର୍ଯ୍ୟ କରାଯାଇଥିବା ଶରହ୍ ( ୨ କିଲୋ ୭୫୦ ଗ୍ରାମ ଶସ୍ୟ) ମୁତାବକ ଫିତ୍‌ରାନାର ରାଶି/ଅର୍ଥ ପଇଠ କରନ୍ତୁ ।

ପଞ୍ଜାବ ପ୍ରଦେଶ ପାଇଁ ଏ ବର୍ଷ ମୁଣ୍ଡ ପିଛା ସଦକତୁଲ୍ ଫିତର୍‌ର ଅର୍ଥରାଶି ପଂଚାବନ (୫୫/-) ଟଙ୍କା ଧାର୍ଯ୍ୟ କରାଯାଇଅଛି । ସ୍ଥାନୀୟ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ଥିବା କ୍ଷେତ୍ରରେ ସଦକତୁଲ୍ ଫିତର୍‌ର ମୋଟ ଅର୍ଥରାଶିରୁ ନବେ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥରାଶି ମଜ୍‌ଲିସ୍ ଆମେଲାର ପରାମର୍ଶ ଓ ଫଏସଲା ପରେ ବଂଟା ଯାଇ ପାରିବ । ବାକି ଅର୍ଥରାଶିକୁ ମର୍କଜରେ ଯମା କରିବାକୁ ହେବ । ଯେଉଁ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ନଥିବେ ସେହି ଯମାତ୍‌ରୁ ଅସୁଲ୍ କରାଯାଇଥିା ସମସ୍ତ ଅର୍ଥରାଶି ସଦର୍ ଅଞ୍ଜୁମନ୍ ଅହ୍‌ମଦୀୟାର ଯମାତି ଆକାଉଁଟ୍‌ରେ ଡ଼ିପୋଜିଟ୍ ହେବା ଉଚିତ । ସ୍ପଷ୍ଟ ହେଉ କି ଫିତ୍‌ରାନାର ଅର୍ଥରାଶି ମସ୍‌ଜିଦ୍ ଇତ୍ୟାଦିର ଆବଶ୍ୟକ କାର୍ଯ୍ୟରେ ଖର୍ଚ୍ଚ କରିବାର ଅନୁମତି ନାହିଁ ।

## ଇଦ୍ ଫଣ୍ଡ

ଏହି ଚାନ୍ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରୁ ପ୍ରଚଳନ । ଏହି ଫଣ୍ଡର ଉଦ୍ଦେଶ୍ୟ ଏହା ଥିଲା କି ଯେଉଁଠି ଖୁସି ଓ ଆନନ୍ଦ ଅବସରରେ ମଣିଷ ନିଜର ଖୁସି ପାଇଁ ପୋଷାକ, ଖାଦ୍ୟପେୟ ଏବଂ ଦାୱତ (ନିମନ୍ତ୍ରଣ) ଇତ୍ୟାଦିରେ ଅନେକ ଖର୍ଚ୍ଚ କରୁଛି, ଅନ୍ୟମାନଙ୍କୁ ଉପହାର ମଧ୍ୟ ଦେଉଛି ସେଠି ଏହି ଖୁସି ସମୟରେ ଦୀନ (ଧର୍ମ)ର ଆବଶ୍ୟକତାକୁ ମଧ୍ୟ ମନେରଖୁ । ଅହେମଦୀମାନେ ତ ବୟତ୍‌ରେ ଏ ପ୍ରତିଜ୍ଞା କରିଛନ୍ତି ଯେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବେ । ତେଣୁ ପ୍ରତ୍ୟେକ ଅହେମଦୀଙ୍କଠାରୁ ଏ ଆଶା କରାଯାଉଅଛି ଯେ ସେ ଖୁସି ଓ ଆନନ୍ଦର ଉତ୍ସବ ଅବସରରେ ଧର୍ମର ଆବଶ୍ୟକତାକୁ ନିଶ୍ଚିତ ରୂପେ ମନେରଖୁ । ଏହି ଉଦ୍ଦେଶ୍ୟ ପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରେ ଏହି ଖାତାରେ ରୋଜଗାରକ୍ଷମ ଅହେମଦୀ ମୁଣ୍ଡ ପିଛା ଏକଟଙ୍କା ଦେଉଥିଲେ । ଏବେ ଯେହେତୁ ଏକ ଟଙ୍କାର ସେଭଳି ମୂଲ୍ୟ ନାହିଁ, ତେଣୁ ତାହା ଏକ ଟଙ୍କା ମଧ୍ୟରେ ସୀମିତ ରଖିବା ପରିବର୍ତ୍ତେ ନିଜ ସାମର୍ଥ୍ୟ ମୁତାବକ ପଇଠ କରାଯାଉ । ତେଣୁ ଏ ପ୍ରସ୍ତାବ ରଖାଗଲା ଯେ ଇଦ୍ ଦିନ ସାଧାରଣତଃ ଯେତିକି ଖର୍ଚ୍ଚ କରାଯାଉଅଛି, ତାହାର ଅଧା ଅର୍ଥରାଶି ଏହି ଖାତାରେ ପଇଠ କରାଯାଉ । ଇଦ୍ ଫଣ୍ଡର ଅର୍ଥରାଶି ଇଦ୍ ପୂର୍ବରୁ ଯେକୌଣସି ସମୟରେ ପଇଠ କରାଯାଇପାରେ । ଏହା ହେଉଛି ମର୍କଜି ଚାନ୍ଦା ତେଣୁ ସବୁତକ ଅର୍ଥ ସଦର୍ ଅଞ୍ଜୁମନ୍ ଅହେମଦୀୟାର ଖଜାନାରେ ଜମା ହେବା ଜରୁରୀ । ଏହି ଅର୍ଥରାଶି ସ୍ଥାନୀୟ ଯମାତ୍‌ରେ ଖର୍ଚ୍ଚ କରିବାକୁ ଅନୁମତି ନାହିଁ । ***(ନାଜିର ବୟତୁଲ୍ ମାଲ୍ ଆମଦ୍ କାଦିଆନ୍)***

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❁ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❁ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❁ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❁ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❁ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ୍ୟ ପେଶ୍ କରିବାକୁ ହେବ । ❁ Interview ରେ ଯୋଗଦେବା ପାଇଁ ପ୍ରାର୍ଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❁ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❁ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❁ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❁ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❁ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❁ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❁ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❁ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❁ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❁ ଦରଖାସ୍ତ ଫର୍ମ ନିଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧାନ ଦିଆଯିବ । ❁ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❁ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 07 May 2020 Issue No. 19

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)


# ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନି ଗସ୍ତ - (ଜୁଲାଇ ୨୦୧୯)

**୦୭ ଜୁଲାଇ ୨୦୧୯ ରବିବାର**

ପୁରସ୍କାର ବିତରଣୀ ଉତ୍ସବ ପରେ ଠିକ୍ ୫:୧୮ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଉଦ୍‌ଯାପନି ଭାଷଣ ପ୍ରଦାନ କଲେ ।

ତଶ୍‌ହୁଦ୍, ତଉଜ ଏବଂ ସୁରାଃ ଫାତିହା ଆବୃତି କରିବାପରେ ହଜୁର ଅନଓ୍ୱର ଅ:ବ:ଅ ସୁରାଃ ଅହ୍‌ଜାବ୍‌ର ଆୟତ ନଂ ୨୨ ତିଲାଓ୍ୱତ୍ କଲେ ଏବଂ ଏହାର ଅନୁବାଦ ମଧ୍ୟ ବର୍ଣ୍ଣନା କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ:

ଅଣମୁସଲିମ୍ ରାଷ୍ଟ୍ରଗୁଡ଼ିକରେ ବା ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ବା ବିକାଶିତ ରାଷ୍ଟ୍ରଗୁଡ଼ିକରେ ମୁସଲମାନମାନଙ୍କ ସମ୍ବନ୍ଧରେ ଯେଉଁ ଶଙ୍କା ଓ ସନ୍ଦେହ ମିଳିଥାଏ ତାହା ସେମାନଙ୍କର ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ କମ୍ ଜ୍ଞାନ ଥିବା ଯୋଗୁଁ ହିଁ ହୋଇଛି । ଏଥିରେ ପୁଣି କେତେକ ମୁସଲମାନମାନେ ଇସ୍‌ଲାମ୍ ନାମରେ ଚରମପନ୍ଥୀ କାର୍ଯ୍ୟକଳାପ ଏବଂ ସନ୍ତ୍ରାଷବାଦ କାର୍ଯ୍ୟକଳାପ ଓ କାନୁନକୁ ନିଜ ହାତରେ ନେବାର କାର୍ଯ୍ୟ ଇତ୍ୟାଦି ଏହି ରାଷ୍ଟ୍ରଗୁଡ଼ିକ ମନରେ ଏକଥା ଭରି ଦେଇଛି ଯେ, ଇସ୍‌ଲାମ୍ ହିଁ ହେଉଛି ସନ୍ତ୍ରାଷବାଦର ଧର୍ମ । ଆଜି ଇସ୍‌ଲାମ୍‌ର ଶିକ୍ଷାକୁ ପୃଥିବୀରେ ପ୍ରଚାର ପ୍ରସାର କରିବାପାଇଁ ଏବଂ ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ଉପୁଜିଥିବା ଭୁଲ୍ ଭାବନାକୁ ଦୂର କରିବାର କାର୍ଯ୍ୟ ଅଲ୍ଲାଃ ତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ଗୁଲାମ୍ ମସିହ ମଉଦ୍ ଏବଂ ମେହେଦୀ ମାହୁଦ୍‌ଙ୍କ ଯମାତଙ୍କ ନିକଟରେ ନ୍ୟସ୍ତ କରିଅଛି । ଅତଏବ ଏଥିପାଇଁ ପ୍ରତ୍ୟେକ ଅହେମଦୀକୁ ଭରପୁର ପ୍ରଚେଷ୍ଟା କରିବାର ଆବଶ୍ୟକତା ରହିଛି । ଦୁନିଆର ଲୋକମାନେ ତ ପ୍ରେସ୍ ଏବଂ ମିଡ଼ିଆର ଖବରଗୁଡ଼ିକୁ ଶୁଣି ଏକଥା ଭାବୁଛନ୍ତି ଯେ, ଯାହା କିଛି ଏମାନେ କହୁଛନ୍ତି ଅର୍ଥାତ ପ୍ରେସ୍(ଗଣମାଧ୍ୟମ) ଯାହା କିଛି କହୁଅଛି ତାହା ହିଁ ଶତପ୍ରତିଶତ ସତ୍ୟ । ସାଧାରଣତଃ ପୃଥିବୀର ଅଧିକାଂଶ ଲୋକେ ଧର୍ମ ପ୍ରତି ଆଗ୍ରହ ରଖୁନାହାନ୍ତି ଅତଏବ ଏହିଭଳି ପରିସ୍ଥିତିରେ ବହୁତ ପରିଶ୍ରମ ଓ ଅନବରତ ପ୍ରଚେଷ୍ଟା ଦ୍ୱାରା ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ପୃଥିବୀବାସୀଙ୍କ ନିକଟରେ ପହଂଚାଇବା ହେଉଛି ବହୁତବଡ଼ ଚ୍ୟାଲେଞ୍ଜ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ମନୁଷ୍ୟ ଜିବନର ଅସଲ ଉଦ୍ଦେଶ୍ୟ ଉପାସନାକୁ ହିଁ ଅଭିହିତ କରିଛନ୍ତି । ଆମ ପ୍ରୀୟ ଆକା ଓ ମୁନୀବ ଆମକୁ କେବଳ ଏହା କହିନାହାନ୍ତି ଯେ, ଅଲ୍ଲାଃ ତାଲା ଏହା କହିଛନ୍ତି କି, ତୁମ ଜିବନର ଉଦ୍ଦେଶ୍ୟ ହେଉଛି ଉପାସନା ତେଣୁ ଉପାସନା କରିବା ପ୍ରତ୍ୟେକ ମୁମିନ୍‌ଙ୍କୁ ଧ୍ୟାନ ଦେବା ଉଚିତ ଓ ସେ ଏହି ଉଦ୍ଦେଶ୍ୟକୁ ହାସଲ କରିବାପାଇଁ ଚେଷ୍ଟା କରୁ ବରଂ ଆପଣ ନିଜର ଉପାସନାର ସ୍ତରକୁ ପ୍ରତିଷ୍ଠା କରି ଆମ ସମ୍ମୁଖରେ ଉପସ୍ଥାପନ କରିଛନ୍ତି ଯାହାର ଗ୍ରହଣୀୟ ହେବା ସମ୍ବନ୍ଧରେ ଅଲ୍ଲାଃ ତାଲା ସାର୍ଟିଫିକେଟ ଦେଇ କହୁଛନ୍ତି ଯେ, ***ଅଲ୍ଲଜି ୟରାକା ହୀନ ତକୁମ୍ ଓ୍ୱ ତକଲ୍ଲୁବକା ଫିସ୍ ସାଜିଦିନ୍*** ଅର୍ଥାତ ଯେତେବେଳେ ତୁମେ ଛିଡ଼ା ହେଉଅଛ ସେତେବେଳେ ସେ ତୁମକୁ ଦେଖୁଅଛି ଏବଂ ସଜ୍‌ଦାଃ କରୁଥିବା ସମୟରେ ତୁମର ଆକୁଳ ପ୍ରାର୍ଥନାକୁ ମଧ୍ୟ ସେ ଦେଖୁଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଅତଏବ ଯାହା ମନ ଭିତରେ ମାନବଜାତି ପାଇଁ ସହାନୁଭୁତିର ଏପରି ଭାବନା ଥିବ ସେ କଣ କେବେ ଅତ୍ୟାଚାର କରିପାରେ ? କେବେ ବି ନୁହେଁ! ଆପଣ ତ ଖୁଦାତାଲାଙ୍କ ଉପାସନା ଏବଂ ତାହାଙ୍କ ସୃଷ୍ଟିର ସେବା କରିବାପାଇଁ ଏବଂ ଏଥିପାଇଁ କଷ୍ଟ ସହି ନିଜର ଜିବନର ପ୍ରତି କ୍ଷଣ ଉତ୍ସର୍ଗ କରିଦେବେ । ଆପଣ ସ:ଆ:ସଙ୍କ ଉପାସନା କରିବାର ଅବସ୍ଥାକୁ ଦେଖିବାର ଅବସର ବେଳେ ବେଳେ ସାହାବାମାନଙ୍କୁ ମଧ୍ୟ ମିଳିଯାଉଥିଲା । ସୁତରାଂ ଜଣେ ସାହାବି ବର୍ଣ୍ଣନା କରୁଛନ୍ତି ଯେ, ମୁଁ ଥରେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ନମାଜ ପଢୁଥିବା ସମୟରେ ଦେଖିବାକୁ ପାଇଲି । ସେତେବେଳେ ଭିଷଣ ରୂପେ ଆକୁଳ କ୍ରନ୍ଦନ ଯୋଗୁଁ ଆପଣ ସ:ଆ:ସଙ୍କ ଛାତିରୁ ଏଭଳି ଶବ୍ଦ ବାହାରୁଥିଲା ଯେଉଁଭଳି ଚକି ଚାଲିବାର ଶବ୍ଦ ହୋଇଥାଏ । ସେହି ସବୁ ଦୁଆ କଣ ଥିଲା ? ତାହା ସବୁ ଅଲ୍ଲାଃ ତାଲାଙ୍କ ଶରଣରେ ରହିବାପାଇଁ ଦୁଆ ଥିଲା, ତାହା ଏହି ଉମତ୍ ପାଇଁ ଦୁଆ ଥିଲା, ତାହା ମାନବଜାତିକୁ ଧ୍ୱଂସ ମୁହଁରୁ ବଂଚାଇବାପାଇଁ ଦୁଆ ଥିଲା । ତାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଏପରି ଦୁଆ ଥିଲା କି ସେତେବେଳେ ତାହା ଏକ ପରିବର୍ତନ ସୃଷ୍ଟି କରିଦେଲା ଫଳତଃ ଶତାବ୍ଦି ଶତାବ୍ଦି ଧରି ପଡ଼ି ରହିଥିବା ମୃତକମାନେ ଜୀବିତ ହୋଇ ଅଲ୍ଲାଃ ତାଲାଙ୍କର ବାସ୍ତବିକ ଉପାସନାକାରୀ ହୋଇଗଲେ । ତାହା ଆଁ ହଜ୍‌ରତ୍ ସ:ଆ:ସଙ୍କର ଦୁଆ ହିଁ ଥିଲା ଯାହା ଗ୍ରହଣୀୟ ହୋଇ ଏ ଯୁଗରେ ଆପଣ ସ:ଆ:ସଙ୍କ ସଚ୍ଚା ପ୍ରେମୀ ହୋଇ ଏହି ବିଗିଡ଼ି ଯାଇଥିବା ଯୁଗରେ ଇସ୍‌ଲାମ୍‌ର ପୁର୍ନବିନ୍ୟାସ ପାଇଁ ପ୍ରେରଣ କଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅତଏବ ଆଜି ଆମ ଅହେମଦୀମାନଙ୍କର ଏ କର୍ତବ୍ୟ ଯେ, ନିଜ ଉପାସନାର ସ୍ତରକୁ ଉଚ୍ଚ କରିବା ଖୁଦାତାଲାଙ୍କ ନିକଟରେ ସେହି ଆଦର୍ଶ ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରି ଏପରି ନତମସ୍ତକ ହେବା ଯାହା କେବଳ ଆମ ନିଜର ହିତ ପାଇଁ ନୁହେଁ ବରଂ ଅଲ୍ଲାଃ ତାଲାଙ୍କ ହୁକୁମତ୍‌କୁ ପୃଥିବୀରେ ପ୍ରତିଷ୍ଠା କରିବାପାଇଁ ହେଉ । ରସୁଲୁଲ୍ଲାଃ ସ:ଆ:ସଙ୍କ ଧ୍ୱଜାକୁ ପୃଥିବୀରେ ଉତଳନ କରିବାପାଇଁ ହେଉ । ନିଜକୁ ଅଲ୍ଲାଃ ତାଲାଙ୍କର ପ୍ରକୃତ ଭକ୍ତ କରିବାପାଇଁ ହେଉ ମାନବଜାତିକୁ ନିଜ ସୃଷ୍ଟିକର୍ତା ଖୁଦାଙ୍କ ନିକଟତର କରାଇବା ପାଇଁ ହେଉ ଏବଂ ପୃଥିବୀକୁ ଧ୍ୱଂସ ମୁହଁରୁ ବଂଚାଇବା ପାଇଁ ହେଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି ଅଲ୍ଲାଃ ତାଲାଙ୍କ ଉପରେ ଭରଷା ରଖିବାର ଯେଉଁ ଅବସ୍ଥା ଥିଲା ସେ ବାବଦରେ ଆପଣ ସ:ଆ:ସଙ୍କର ନମୁନା ବହୁତ ଉଚ୍ଚସ୍ତରର ଥିଲା । ଅଲ୍ଲାଃ ତାଲାଙ୍କର ଏ ବାଣୀ ରହିଛି କି, ***ଓ୍ୱ ତଓ୍ୱକ୍କଲ୍ ଅଲଲ୍ଲାହି ଓ୍ୱ କଫା ବିଲ୍ଲାହି ଓ୍ୱକିଲା*** ଅର୍ଥାତ ଏବଂ ଅଲ୍ଲାଃଙ୍କ ଉପରେ ଭରଷା ରଖ ଏବଂ ଅଲ୍ଲାଃ ହିଁ ସମସ୍ତ କଥା ସୁଚାରୁରୂପେ ତୁଲାଇବାପାଇଁ ଯଥେଷ୍ଟ । ତେବେ ପୁଣି ଆପଣ ସ:ଆ:ସଙ୍କ ଜିବନରେ ପ୍ରତ୍ୟେକ ଅବସରରେ ଏହି ଦୃଷ୍ଟାନ୍ତ ଆମକୁ ଦେଖିବାକୁ ମିଳିଥାଏ ଏପରି କି ମୃତ୍ୟୁ ସଜ୍ଜାରେ ପଡ଼ିଥିବା ସମୟରେ ମଧ୍ୟ ଆପଣ ସ:ଆ:ସଙ୍କୁ ଏ ଚିନ୍ତା ଘାରୁଥିଲା ଯେ, କାଳେ ଏପରି ହୋଇନଯାଉ କି ମୁଁ ଏମିତି ଅବସ୍ଥାରେ ଅଲ୍ଲାଃ ତାଲାଙ୍କ ନିକଟରେ ଉପସ୍ଥିତ ହୁଏ ଯେଉଁଥିରେ ଅଣୁମାତ୍ରାରେ ମଧ୍ୟ ଅଲ୍ଲାଃ ତାଲାଙ୍କ ଉପରେ ଭରଷା ନ କରିବାର ଶଙ୍କା ସୃଷ୍ଟି ହୋଇପାରେ ସୁତରାଂ ହଜ୍‌ରତ୍ ଆଇଶା ବର୍ଣ୍ଣନା କରୁଛନ୍ତି ଯେ, ମୋ ନିକଟରେ ଆପଣ ସ:ଆ:ସ ସାତ ବା ଆଠ ଦୀନାର୍ ରଖିଥିଲେ ଶେଷ ବେମାର ସମୟରେ ଆପଣ ସ:ଆ:ସ କହିଲେ ଯେ, ହେ ଆଇଶା ଯେଉଁ ସୁନା ତୁମ ନିକଟରେ ଥିଲା ତାହା କଣ ହେଲା ? ହଜ୍‌ରତ୍ ଆଇଶା କହୁଛନ୍ତି ମୁଁ କହିଲି ତାହା ତ ମୋ ନିକଟରେ ଅଛି ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ହେ ଆଇଶା ତାହାସବୁ ସଦ୍‌କା କରିଦିଅ । ପୁଣି ହଜ୍‌ରତ୍ ଆଇଶା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ହୋଇଗଲେ ପୁଣି ଆପଣ ସ:ଆ:ସଙ୍କୁ ଯେତେବେଳେ ପୁର୍ନବାର ଚେତା ଆସିଲା ସେତେବେଳେ ପଚାରିଲେ ଯେ, କଣ ତାହା ସବୁ ସଦ୍‌କା କରିଦେଲ ହଜ୍‌ରତ୍ ଆଇଶା ଉତର ଦେଲେ ଯେ, ଏବେଯାଏଁ କରିନାହିଁ । ଆପଣ ସ:ଆ:ସ ତାଙ୍କୁ ପଠାଇ କହିଲେ ଯେ, ଏବେ ଯାଇ ସେ ସବୁକୁ ମୋ ନିକଟକୁ ନେଇ ଆସ । ଆପଣ ସ:ଆ:ସ ସେହି ଦୀନାରଗୁଡ଼ିକୁ ମଗାଇ ନିଜ ହାତରେ ଧରି ଗଣିବାକୁ ଲାଗିଲେ ଓ ପୁଣି କହିଲେ ମୁହମ୍ମଦ୍ ସ:ଆ:ସଙ୍କର ନିଜ ରବ୍ (ପାଳନକର୍ତା)ଙ୍କ ଉପରେ କରୁଣ ଭରଷା ହେଲା । ଯଦି ଖୁଦାଙ୍କ ସହିତ ସାକ୍ଷାତ କରିବା ସମୟରେ ଏ ପୃଥିବୀରୁ ବିଦାୟ ନେବା ସମୟରେ ଏହି ଦୀନାର୍ ତାଙ୍କ ନିକଟରେ ରହିଥିବ । ପୁଣି ହଜୁର ସ:ଆ:ସ ସେହି ସବୁତକ ଦୀନାର ଗୁଡ଼ିକୁ ସଦ୍‌କା କରିଦେଲେ କିନ୍ତୁ ଆପଣ ସ:ଆ:ସ ଆମମାନଙ୍କୁ ଏ ଉପଦେଶ ଦେଲେ ଯେ, ମୁଁ ତ ଅଲ୍ଲାଃ ତାଲାଙ୍କର ନବୀ ଓ ତାହାଙ୍କ ପ୍ରୀୟତମ ଅଟେ ତେଣୁ ଏହା ତାଙ୍କର ମୋ ସହିତ ବ୍ୟବହାର । ଖୁଦାତାଲାଙ୍କ ଉପରେ ତୁମେମାନେ ମଧ୍ୟ ଭରଷା କର କିନ୍ତୁ ନିଜ ସନ୍ତାନମାନଙ୍କୁ ଗରିବୀ ଏବଂ ସଙ୍କଟରୁ ବଂଚାଇବା ପାଇଁ ସେମାନଙ୍କ ସକାଶେ ଯଦି ତୁମନିକଟରେ କୌଣସି ଧନ ସମ୍ପତି ଅଛି ବା କୌଣସି ଅର୍ଥରାଶି ଅଛି ତେବେ ତାହା ଛାଡ଼ି ଯାଅ । ୧/୩ ଅଧିକା ଓ୍ୱସିୟତ କରିବାକୁ ଦେଲେ ନାହିଁ ତେଣୁ ଅଲ୍ଲାଃ ତାଲା ଏଥିସକାଶେ ପବିତ୍ର କୋରାନ୍‌ରେ ବ୍ୟାପକରୂପେ ଓ୍ୱରାସତ୍ (ଉତରାଧିକାରୀ ମାନଙ୍କ ସମ୍ପତି ପାଇବାର) ଓ ତରିକା ମଧ୍ୟ ବତାଇଦେଲେ କିନ୍ତ ତତ୍‌ସହିତ ଆପଣ ଏହା ମଧ୍ୟ କହିଲେ ଯେ, ମଣିଷର ହୃଦୟର ପ୍ରତ୍ୟେକ ଉପତ୍ୟାକାରେ ଗୋଟିଏ ଘାଟି ରହିଥାଏ ଯାହା ମନ ସେହି ଘାଟିଗୁଡ଼ିକ ପଛରେ ଲାଗି ରହିଥାଏ । ଅଲ୍ଲାଃ ତାଲା ସେମାନଙ୍କର ପରବାୟ କରନ୍ତି ନାହିଁ ଯେ, କେଉଁ ଉପତ୍ୟାକା ତାହା ଧ୍ୱଂସର କାରଣ ହେଉଅଛି ଏବଂ ଯିଏ ଅଲ୍ଲାଃ ତାଲାଙ୍କ ଉପରେ ଭରଷା କରିଥାଏ ଅଲ୍ଲାଃ ତାଲା ସେମାନଙ୍କୁ ଏହି ଘାଟିରୁ ବଂଚାଇଥାନ୍ତି । ଅତଏବ୍ ଇସ୍‌ଲାମ୍ ସାଂସାରିକ କାର୍ଯ୍ୟ କରିବାପାଇଁ ମଧ୍ୟ ଅନୁମତି ଦେଇଥାଏ । କିନ୍ତୁ ରାତି ଦିନ କେବଳ ଧର୍ମ ଉପରେ ଜମା କରିବା ଓ ସାଂସାରିକ କାର୍ଯ୍ୟରେ ଲିପ୍ତ ରହିବାକୁ ମନା କରୁଅଛି ଏବଂ ମୂଳ କଥା ଯାହା ପ୍ରତି ଧ୍ୟାନ ଆକର୍ଷଣ କରାଇଛି ତାହା ଅଲ୍ଲାଃ ତାଲାଙ୍କର ଉପାସନା କରିବା ଓ ତାହାଙ୍କ ଉପରେ ଭରଷା କରିବା । ଯେତେବେଳେ ଏହା ସବୁ କିଛି ହୋଇଯିବ ସେତେବେଳେ ଏ ସଂସାରର ସାଂସାରିକ ଅସୁବିଧାଠାରୁ ମଧ୍ୟ ମଣିଷ ବଂଚିଯାଇଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି ଉତମ ଚରିତ୍ରର ଗୋଟିଏ ସୁଗୁଣ ହେଉଛି କୃତଜ୍ଞତା ଜ୍ଞାପନ କରିବା ଏହି ସୁଗୁଣର ଉଚ୍ଚତମ ସ୍ତର ଆମ ମୁନୀବଙ୍କର ନମୁନା ଓ ଆଦର୍ଶ କଣ ଥିଲା । ଆପଣ ସ:ଆ:ସଙ୍କୁ ସବୁ ସମୟ ଏକଥା ଅନ୍ୱେଷଣ ରହୁଥିଲା ଯେ, କିପରି ଆପଣ ଖୁଦାତାଲାଙ୍କର ସବୁଠାରୁ ଅଧିକା କୃତଜ୍ଞ ବ୍ୟକ୍ତି ହୋଇପାରିବେ । ସୁତରାଂ ହଦୀସ୍‌ରେ ଆସୁଛି ଯେ, ଏହି ଉଦ୍ଦେଶ୍ୟକୁ ପୁରଣ କରିବାପାଇଁ ଆପଣ ସ:ଆ:ସ ଦୁଆ କରୁଥିଲେ କି, ହେ ମୋର ଅଲ୍ଲାଃ ! ତୁମେ ମତେ ନିଜର କୃତଜ୍ଞ ବ୍ୟକ୍ତି ବନାଇ ଦିଅନ୍ତୁ ଏବଂ ଅତ୍ୟାଧିକ ସ୍ତୁତିଗାନ

*ଅବଶିଷ୍ଟାଂଶ ପୃଷ୍ଠା- ୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan